# Odisha Legislative Assembly

(ଷଷ୍ଠ ଅଧିବେଶନ )

## ଶନିବାର, ୨୦ ଫେବୃଆରୀ, ୨୦୨୧

----

**[ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି - ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ - ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ].**

**ମୋଟ ପ୍ରଶ୍ନର ସଂଖ୍ୟା - 131**

----

### କରୋନା ଯୋଗୁଁ Campus Placement ବାଧାପ୍ରାପ୍ତ

172 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା)ଃ**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି ଃ-କରୋନା ସଂକ୍ରମଣ ଜନିତ 11 ମାସର ଅଚଳାବସ୍ଥା ଯୋଗୁଁ ରାଜ୍ୟରେ ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ତାଲିମ୍ ସମେତ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ Campus Placement କେତେ ମାତ୍ରାରେ ବାଧାପ୍ରାପ୍ତ ହୋଇଛି ଓ ଏହାକୁ ସ୍ୱାଭାବିକ କରିବା ନିମନ୍ତେ ସରକାରଙ୍କ ବିସ୍ତୃତ ଯୋଜନା କଣ ; ଉଭୟ ଶିକ୍ଷାଦାନ ଓ ପ୍ରତ୍ୟକ୍ଷ ତାଲିମ୍ ବାଧାପ୍ରାପ୍ତ ହୋଇଥିବାରୁ ଡିଗ୍ରୀ, ଡିପ୍ଲୋମା ଏବଂ ଆଇଟିଆଇ ପାଠ୍ୟକ୍ରମ କାଣ୍ଟଛାଣ୍ଟ ହେବାର ସମ୍ଭାବନା ଅଛି କି?

----

### CMEGP Guideline ଉପସ୍ଥାପନ

173 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା)ଃ**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-(କ) ଷୋଡଶ ବିଧାନ ସଭାର ପଞ୍ଚମ ଅଧିବେଶନର ତା.21.11.2020 ର ଅଣତାରକା ପ୍ରଶ୍ନ ସଂଖ୍ୟା ୨୫ ର ଉତ୍ତର ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା 2014-15 ଆର୍ଥିକ ବର୍ଷରେ କାର୍ଯ୍ୟକାରୀ କରାଯାଇଥିବା Chief Minister's Employment Generation Programme (CMEGP) ର Guidelines ଓ Operational Procedure ର Copy ଉପସ୍ଥାପନ କରିବେ କି ; (ଖ) CMEGP କାର୍ଯ୍ୟକ୍ରମରେ 2014-15 ଠାରୁ 2019-20 ପର୍ଯ୍ୟନ୍ତ ରାଜ୍ୟ ବଜେଟରେ କେତେଟଙ୍କାର ବ୍ୟବସ୍ଥା କରାଯାଇ ନିଜସ୍ୱ ପାଣ୍ଠିରୁ କେଉଁ ବାବଦରେ କେତେ ଟଙ୍କା ସରକାର ବ୍ୟୟ କରିଛନ୍ତି ତାର ବର୍ଷୱାରୀ ତଥ୍ୟ ଦେବା ସହ ତାଲିମ ପ୍ରାପ୍ତ 13,66,116 ଜଣ ଯୁବକ, ଯୁବତୀଙ୍କୁ କେଉଁ କେଉଁ ସଂସ୍ଥାରେ କେଉଁ ପ୍ରକାର Employment ଦିଆଯାଇଛି ବର୍ଷୱାରୀ ଓ ଜିଲ୍ଲାୱାରୀ ତଥ୍ୟ ଦେବେ କି?

----

## ପଞ୍ଜିକୃତ ବୁଣାକାରମାନଙ୍କ କଲ୍ୟାଣ

174 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ନବରଙ୍ଗପୁର ଜିଲ୍ଲାରେ କେତେ ସଂଖ୍ୟକ ପଞ୍ଜିକୃତ ବୁଣାକାର ଥିବାବେଳେ ସେମାନଙ୍କ କଲ୍ୟାଣ ପାଇଁ କି ପଦକ୍ଷେପ ନିଆଯାଇଛି ?

----

## ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରଦାନ

175 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଭିନ୍ନକ୍ଷମ ପ୍ରମାଣ ପତ୍ର ଭିନ୍ନକ୍ଷମ ବ୍ୟକ୍ତି ସହଜରେ ପାଇପାରୁ ନାହାନ୍ତି ; ଏଥିପାଇଁ ବାରମ୍ବାର ଦୌଡିବାକୁ ପଡୁଛି ; ଯାହାକି ଭିନ୍ନକ୍ଷମ ବ୍ୟକ୍ତି ପାଇଁ ବହୁତ କଷ୍ଟ ହୋଇଥାଏ, ଏ ବିଷୟରେ ସରକାର ଅବଗତ ଅଛନ୍ତି କି ; ଯଦି ଅଛନ୍ତି ତେବେ ପ୍ରତି ମାସରେ ବ୍ଲକୱାରୀ camp କରି ଭିନ୍ନକ୍ଷମ ପ୍ରମାଣ ପତ୍ର ଦେବାର ସହଜ ବ୍ୟବସ୍ଥା କରିବେ କି?

----

## ଗ୍ରାମାଞ୍ଚଳ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା

176 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଗ୍ରାମାଞ୍ଚଳ ମହିଳାମାନଙ୍କୁ ସ୍ୱାବଲମ୍ବନଶୀଳ କରିବାକୁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଅନୁଗୋଳ ଜିଲ୍ଲାରେ ପ୍ଲାନେଟୋରିୟମ୍ ପ୍ରତିଷ୍ଠା

177 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଅନୁଗୋଳ ଜିଲ୍ଲାରେ ପ୍ଲାନେଟୋରିୟମ୍ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଗ୍ରାମାଞ୍ଚଳ ମହିଳା ମାନଙ୍କୁ ସ୍ୱରୋଜଗାର ପାଇଁ ପଦକ୍ଷେପ

178 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟରେ ଗ୍ରାମାଞ୍ଚଳ ମହିଳା ମାନଙ୍କୁ ସ୍ୱରୋଜଗାର ଯୋଗାଇ ଦେବାକୁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି ?

----

## ନିଃ ସନ୍ତାନ ଦମ୍ପତିଙ୍କୁ ପୋଷ୍ୟ ପୁତ୍ର ଓ କନ୍ୟା ଗ୍ରହଣ

179 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟରେ ନିଃ ସନ୍ତାନ ଦମ୍ପତି, କନ୍ୟା ନଥିବା ବା ପୁତ୍ର ନଥିବା ଦମ୍ପତ୍ତି ପୋଷ୍ୟ କନ୍ୟା ଓ ପୁତ୍ର ଗ୍ରହଣ ପାଇଁ କି ଆଇନଗତ ବ୍ୟବସ୍ଥା ଅଛି ପ୍ରକାଶ କରିବା ସହ ପାରମ୍ପରିକ ଯୁଗରୁ ନିଜର ଭାଇ, ଶାଳକ, ଭଗ୍ନୀ ପୁତ୍ର ବା କନ୍ୟାକୁ ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ସରକାର କି ଆଇନଗତ ବ୍ୟବସ୍ଥା କରିଛନ୍ତି ଅବଗତ କରିବେ କି ?

----

## ବୟନିକା ଓ ସମ୍ବଲପୁରୀ ବସ୍ତ୍ରାଳୟ ଦ୍ୱାରା ଅତ୍ୟାଧୁନିକ ପୋଷାକ ପ୍ରସ୍ତୁତ

180 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ବୟନିକା, ଅମ୍ଳାନ ଓ ସମ୍ବଲପୁରୀ ବସ୍ତ୍ରାଳୟ ତରଫରୁ, ଅତ୍ୟାଧୁନିକ ଡିଜାଇନର ପୋଷାକ ପ୍ରସ୍ତୁତ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ତାହାର କାର୍ଯ୍ୟକାରୀତା ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## କୃଷି ଶ୍ରମିକମାନଙ୍କ କଲ୍ୟାଣ ପାଇଁ ପଦକ୍ଷେପ

181 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟର ମହିଳା କୃଷି ଶ୍ରମିକମାନଙ୍କ କଲ୍ୟାଣ ସହ ସେମାନଙ୍କ ପ୍ରସବ ସ୍ଥିତିରେ ଅନ୍ୟୁନ ତିନି ମାସ ମଜୁରୀ ବ୍ୟବସ୍ଥା ପାଇଁ ସରକାରଙ୍କ ଯୋଜନା ଅଛି କି, ଉତ୍ତର ହଁ ହେଲେ ତାହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଶୁଖୁଆ ପ୍ରସ୍ତୁତ

182 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଭଦ୍ରକ ଜିଲ୍ଲାର ସମୁଦ୍ର ଉପକୂଳ ଅଞ୍ଚଳରେ ପର୍ଯ୍ୟାପ୍ତ ମତ୍ସ୍ୟ ସମ୍ପଦ ଉତ୍ପାଦିତ ହେଉଥିବା ପରିପ୍ରେକ୍ଷୀରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଶୁଖୁଆ ପ୍ରସ୍ତୁତ କରି ମହିଳାମାନଙ୍କୁ ସ୍ୱାବଲମ୍ବନଶୀଳ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ସମ୍ବଲପୁରୀ ବସ୍ତ୍ରାଳୟ ଦ୍ୱାରା ଅତ୍ୟାଧୁନିକ ପୋଷାକ ପ୍ରସ୍ତୁତ

183 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଆଗରୁ ବିବାହ ନିମନ୍ତେ ସମ୍ବଲପୁରୀ ପାଟ ଆଦୃତ ହେଉଥିବାବେଳେ ବର୍ତ୍ତମାନ ହସ୍ତତନ୍ତ ବସ୍ତ୍ର ବଦଳରେ ଫେନସୀ ଶାଢୀ ବ୍ୟବହାର ବଢୁଥିବା ପ୍ରତି ସରକାର ସଚେତନ କି, ଉତ୍ତର ହଁ ହେଲେ ବୟନିକା ଓ ଅମ୍ଳାନ ସମ୍ବଲପୁରୀ ବସ୍ତ୍ରାଳୟ ତରଫରୁ ଅତ୍ୟାଧୁନିକ ବିବାହ ପୋଷାକ ପ୍ରସ୍ତୁତି ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଭତ୍ତା ବୃଦ୍ଧି ପାଇଁ ପଦକ୍ଷେପ

184 **ଶ୍ରୀ ଭବାନୀ ଶଙ୍କର ଭୋଇ (ତଲସରା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟ ସରକାର ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଅସହାୟ, ଅବିବାହିତ ମହିଳାମାନଙ୍କ ପାଇଁ ଲାଗୁକରିଥିବା ଭତ୍ତା, ଭିନ୍ନକ୍ଷମମାନଙ୍କ ପାଇଁ ଉଦ୍ଦିଷ୍ଟ ଭତ୍ତା ସବୁକୁ ବୃଦ୍ଧି କରିବା ପାଇଁ ପଦକ୍ଷେପ ନେବା ସଙ୍ଗେ ସଙ୍ଗେ ଆହୁରି ବହୁତ ବୃଦ୍ଧ ବୃଦ୍ଧା ଆଜିବି ଭତ୍ତା ପାଇବାରୁ ବଞ୍ଚିତ ହେଉଥିବାବେଳେ ସରକାର ଖୋଜି ଖୋଜି ସେମାନଙ୍କ ନାମକୁ ଭତ୍ତା ପାଇବା ପାଇଁ ସରକାରୀ ରେକର୍ଡରେ ଅନ୍ତର୍ଭୁକ୍ତ କରିବେକି, କରୋନା ମହାମାରୀ ଲକଡାଉନ ଯୋଗୁଁ ସବୁ ବର୍ଗର ଲୋକମାନେ ଆର୍ଥିକ ଅନାଟନରେ ସଢୁଥିବାବେଳେ ସବୁ ଜିନିଷର ଦରଦାମ ବଢିଚାଲୁଥିବାରୁ ଏମାନଙ୍କ ଭତ୍ତା ଅତି କମରେ 2 ଗୁଣା ବୃଦ୍ଧି କରିବା ପାଇଁ ସରକାର ପଦକ୍ଷେପ ନେବେକି, ସେହିଭଳି ଭିନ୍ନକ୍ଷମମାନଙ୍କୁ ରୋଜଗାର ଯୋଗାଇଦେବା ପାଇଁ କି ପଦକ୍ଷେପ ନେଉଛନ୍ତି?

----

## SHG ଗୋଷ୍ଠୀ ଦ୍ୱାରା ଉତ୍ପାଦିତ ଜିନିଷ

185 **ଶ୍ରୀ ଭବାନୀ ଶଙ୍କର ଭୋଇ (ତଲସରା):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟରେ ଅଧୁନା କେତୋଟି SHG ଗୋଷ୍ଠୀ ଅଛି ଓ ସମୁଦାୟ କେତେ ମହିଳା ଏଥିରେ ସଂପୃକ୍ତ ଅଛନ୍ତି କହିବା ସଙ୍ଗେ ସଙ୍ଗେ ଗତ କରୋନା ମହାମାରୀ ଲକଡାଉନ ସଟଡାଉନ ସମୟରେ ଏହି ମହିଳାମାନଙ୍କୁ ସରକାର କେଉଁ କେଉଁ କାମ ଦେଇ ରୋଜଗାର ବାଟ ଫିଟାଇଥିଲେ କହିବା ସଙ୍ଗେ ସଙ୍ଗେ ବିଭିନ୍ନ ବିଭାଗ ତରଫରୁ SHG ମହିଳାମାନେ କରୁଥିବା କାମରେ ସିଡିପିଓମାନେ SHG ଗୋଷ୍ଠୀମାନଙ୍କଠାରୁ ଉତ୍ପାଦିତ ଜିନିଷ ଓ କାମର ମଜୁରୀ ନିମନ୍ତେ ବିଲ୍ ପାଶ୍ କରାଇଦେବା ଏବଂ ଚୁକ୍ତି ନବୀକରଣ କରିବା ପାଇଁ ଲାଞ୍ଚ ନେଉଛନ୍ତି ବୋଲି ଯେଉଁସବୁ ଅଭିଯୋଗ ଆସୁଛି ବୋଲି ଗଣମାଧ୍ୟମରେ ପ୍ରକାଶିତ ହେଉଛି ତାଉପରେ ସରକାର ତଥ୍ୟ ରଖିବେ କି ?

----

## Campus ମାଧ୍ୟମରେ ଛାତ୍ର ଛାତ୍ରୀ ନିଯୁକ୍ତୀ

186 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଓଡିଶାରେ ଗତ 5 ବର୍ଷ ଭିତରେ ରାଜ୍ୟରେ ପ୍ରତିଷ୍ଠିତ IIT, IIIT, IIM ସମେତ କେତେ ବୈଷୟିକ ଶିକ୍ଷାନୁଷ୍ଠାନରୁ Placement Cell ମାଧ୍ୟମରେ କେତେ କମ୍ପାନୀ Campus ଦ୍ୱାରା କେତେଜଣ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ଦେଇଛନ୍ତି, କେଉଁ ହାରରେ ସର୍ବନିମ୍ନରୁ ସର୍ବୋଚ୍ଚ ଦରମା/ପାରିଶ୍ରମିକ ଦେଇଛନ୍ତି, ସେଥିମଧ୍ୟରୁ କେତେ ସଂଖ୍ୟକ କମ୍ପାନୀ ରାଜ୍ୟ ଭିତର ଓ ବାହାରର, ଉଭୟ ରାଜ୍ୟ ଭିତରେ ଓ ବାହେରେ କେତେ ଯୁବକ ଯୁବତୀ ନିଯୁକ୍ତି ପାଇଛନ୍ତି, ସେହି ଶିକ୍ଷାନୁଷ୍ଠାନଗୁଡିକର Placement Cell ମାଧ୍ୟମରେ Campus ନିଯୁକ୍ତି ହାର କେତେ, କେତେ ପାସଧାରୀ ଛାତ୍ରଛାତ୍ରୀ ଏବେ ବେକାର ବସିଛନ୍ତି, ଏ ସମସ୍ତ ବର୍ଷ ଓ ଜିଲ୍ଲାୱାରୀ ତଥ୍ୟ ଦେବେ କି, କେଉଁ ବୈଷୟିକ ଶିକ୍ଷାନୁଷ୍ଠାନରେ Placement Cell ବା Campus ନିଯୁକ୍ତି ସୁବିଧା ଉପଲବ୍ଧ ନୁହେଁ, ସେହି ଶିକ୍ଷାନୁଷ୍ଠାନଗୁଡିକ ବିରୋଧରେ ସରକାର କି ପଦକ୍ଷେପ ନେଇଛନ୍ତି ?

----

## ଓଟିଏମର ପୁନଃରୁଦ୍ଧାର

187 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଓଡିଶାରେ ବର୍ତ୍ତମାନସୁଦ୍ଧା କେତୋଟି ଟେକ୍ସଟାଇଲ ପାର୍କ ପ୍ରକଳ୍ପ ପ୍ରସ୍ତାବ ରହିଛି, ସେଥିମଧ୍ୟରୁ କେଉଁ ପ୍ରକଳ୍ପ କେଉଁ ପର୍ଯ୍ୟାୟରେ ରହିଛି, ସେ ବାବଦରେ କେତେ ଅର୍ଥ ବିନିଯୋଗ ହେବା ସହିତ କେତେଜଣ କର୍ମନିଯୁକ୍ତି ସୁଯୋଗ ପାଇସାରିଛନ୍ତି ଏହି ପ୍ରକଳ୍ପ ସଂପୂର୍ଣ୍ଣ ହେଲେ କେତେ କର୍ମନିଯୁକ୍ତି ସୃଷ୍ଟି ହେବ ସେ ନେଇ ସବିଶେଷ ତଥ୍ୟ ଦେବେକି, ନୂଆ ଟେକ୍ସଟାଇଲ ପ୍ରକଳ୍ପ ସହିତ ଚୌଦ୍ୱାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ସ୍ଥାପିତ ଓଟିଏମର ପୁନଃରୁଦ୍ଧାର କରିବା ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି, ସେ ଦିଗରେ କେତେ ଅଗ୍ରଗତି ହୋଇଛି କହିବେକି, ଓଡିଶାରେ ଟେକ୍ସଟାଇଲ ଶିଳ୍ପର ବିକାଶ କରି ସୁରଟରେ କାର୍ଯ୍ୟରତ ଲକ୍ଷ ଲକ୍ଷ ଓଡିଆ ଶ୍ରମିକଙ୍କ ମଧ୍ୟରୁ ଅନେକଙ୍କୁ ନିଜ ରାଜ୍ୟରେ ନିଯୁକ୍ତି ଦେବା ନିମନ୍ତେ ସରକାରଙ୍କର ପ୍ରସ୍ତାବ ରହିଛିକି?

----

## ଭିନ୍ନକ୍ଷମଙ୍କ ଆତ୍ମ ନିଯୁକ୍ତି

188 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-କଳାହାଣ୍ଡି ଜିଲ୍ଲାରେ ମୋଟ କେତେ ଜଣ ଭିନ୍ନକ୍ଷମ ଚିହ୍ନଟ ହୋଇଛନ୍ତି, ଭିନ୍ନକ୍ଷମ ମାନଙ୍କୁ ଚିହ୍ନଟ ପାଇଁ ପ୍ରତି ପଞ୍ଚାୟତରେ କ୍ୟାମ୍ପକରିବା ପାଇଁ ସରକାର ବିଚାର କରୁଛନ୍ତି କି ; ଭିନ୍ନକ୍ଷମଙ୍କୁ ଆତ୍ମନିଯୁକ୍ତି କରିବା ପାଇଁ କେତେଜଣଙ୍କୁ ବ୍ୟାଙ୍କ ଋଣ ପ୍ରଦାନ କରାଯାଉଛି; ତାର ଏକ ତାଲିକା ପ୍ରଦାନ କରିବେ କି ?

----

## ଲାଞ୍ଜିଗଡ଼ଠାରେ ITI ଖୋଲିବା

189 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଲାଞ୍ଜିଗଡ଼ଠାରେ ITI ଖୋଲିବା ନେଇ ଜମି ଚିହ୍ନଟ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ନ ହେବାର କାରଣ କଣ ?

----

## ସ୍ୱୟଂ ସହାୟିକା ଗୋଷ୍ଠୀର ମହାସଂଘ ଗଠନ

190 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଓଡ଼ିଶାରେ ରାଜ୍ୟ ସ୍ୱୟଂ ସହାୟିକା ଗୋଷ୍ଠୀମହାସଂଘ ଗଠନ ହୋଇଛି କି ; ଯଦି ହଁ ରାଜ୍ୟ ଓ ବ୍ଲକୱାରୀ ତାର ସଭାପତି ଓ ସଂମ୍ପାଦକଙ୍କ ନାମ ଓ ଠିକଣା ଉପସ୍ଥାପିତ କରିବେ କି ?

----

## ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ସାମଗ୍ରୀ ଉତ୍ପାଦନ

191 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-(କ) ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା କି କି ପ୍ରମୁଖ ଦ୍ରବ୍ୟ କେତେ ମୂଲ୍ୟର ଓ ପରମାଣର କେଉଁ ଜିଲ୍ଲାରେ ଉତ୍ପାଦିତ ହେଉଅଛି ଏବଂ ଉତ୍ପାଦିତ ଦ୍ରବ୍ୟ ମଧ୍ୟରୁ କି କି ଦ୍ରବ୍ୟକୁ ଜାତୀୟ ଓ ଆନ୍ତର୍ଜାତୀୟ ବଜାର ସହ ସଂଯୋଗ କରି ବିକ୍ରୟ ନିମନ୍ତେ ବ୍ୟବସ୍ଥା କରାଯାଇଛି ତାର ସବିଶେଷ ବିବରଣୀ ଜିଲ୍ଲାୱାରୀ ପ୍ରଦାନ କରିବେ କି ; (ଖ) ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ କେଉଁ କେଉଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କି କି ସାମଗ୍ରୀ ଉତ୍ପାଦନ କରି 2018 19 ରୁ ଚଳିତ ବର୍ଷ ମଧ୍ୟରେ କେଉଁ ବର୍ଷ କେତେ ଲାଭ କିମ୍ବା କ୍ଷତି କରିଛନ୍ତି ତାର ସବିଶେଷ ବିବରଣୀ ପ୍ରଦାନ କରିବେ ?

----

## ପ୍ରତି ବ୍ଲକରେ ଛତୁଆ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା

192 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଓ଼ଡ଼ିଶା ସରକାର ଶିଶୁ ମନଙ୍କର ବିକାଶ ପାଇଁ ବହୁ ପଦକ୍ଷେପ ଗ୍ରହଣ କରିଥିଲା ବେଳେ ଶିଶୁ ମାନଙ୍କୁ ଦିଆଯାଉଥିବା ଖାଦ୍ୟ ଉଚ୍ଚମାନର କରିବା ପାଇଁ ସରକାରଙ୍କ ଦ୍ୱାରା ପ୍ରତି ବ୍ଲକରେ ଛତୁଆ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରି ଉଚ୍ଚମାନର ଛତୁଆ ଉତ୍ପାଦନ କରିବା ସହିତ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେଇ ଶିଶୁ ମାନଙ୍କର ସ୍ୱାସ୍ଥ୍ୟର ଉନ୍ନତି ଏବଂ ମାନସିକ ବିକାଶ ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା କରିବେ କି ଏବଂ ରଣପୁର ବ୍ଲକରେ ଏହା ଶିଘ୍ର କରିବେ କି?

----

## ନିଜସ୍ୱ ଗୃହ ଥିବା ଅଙ୍ଗନବାଡ଼ି କେନ୍ଦ୍ର

193 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-(କ) ରାଜ୍ୟରେ କେତେ ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱଘର ନାହିଁ; କେତେ କେନ୍ଦ୍ର ବେସରକାରୀ ଘରେ, ସ୍କୁଲ ଘରେ କିମ୍ବା ଭଡ଼ା ଘରେ ଚାଲୁଛି; ତାହାର ଜିଲ୍ଲାୱାରୀ ତଥ୍ୟ ଦେବେ କି; (ଖ) ଗତ ୫ ବର୍ଷ ମଧ୍ୟରେ ଅଙ୍ଗନବାଡ଼ି କେନ୍ଦ୍ରର ଘର ନିର୍ମାଣ ବାବଦରେ କେନ୍ଦ୍ର ସରକାର କେତେ ଅନୁଦାନ ଦେଇଛନ୍ତି; କେତେ ଖର୍ଚ୍ଚ ହୋଇଛି ତାହାର ଜିଲ୍ଲାୱାରୀ ବିବରଣୀ ଦେବେ କି?

----

## ଠିକା ସଂସ୍ଥା ଦ୍ୱାରା ଠିକା ଭିତ୍ତିକ ନିଯୁକ୍ତି

194 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-(କ) ଜିଲ୍ଲାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ବିଭାଗରେ କେତେଗୋଟି ମଞ୍ଜୁରୀ ପ୍ରାପ୍ତ କି କି ପଦବୀ ରହିଛି; ସେଥିମଧ୍ୟରୁ କେତେ ସଂଖ୍ୟକ ନିୟମିତ କର୍ମଚାରୀ ନିଯୁକ୍ତି ପାଇଛନ୍ତି ଓ କେତେ ଠିକାଭିତ୍ତିରେ ନିଯୁକ୍ତି ପାଇଛନ୍ତି; ଠିକାଭିତ୍ତିରେ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ମଧ୍ୟରୁ କେତେ ସଂଖ୍ୟକ କର୍ମଚାରୀ ୬ ବର୍ଷ ପୂରଣ କରିଛନ୍ତି ତାର ପଦବୀୱାରୀ ଏକ ତାଲିକା ପ୍ରଦାନ କରିବେ କି ; ଏବଂ କେତେ ସଂଖ୍ୟକଙ୍କୁ ଅବସର ଗ୍ରହଣ କରିବା ପରେ କେଉଁ କେଉଁ ପଦବୀରେ ପୁନଃ ନିଯୁକ୍ତି ଦିଆଯାଇଛି; (ଖ) ଠିକା ଭିତ୍ତିରେ ନିଯୁକ୍ତି ପାଇଥିବା କେଉଁ କେଉଁ ସଂସ୍ଥା ମାଧ୍ୟମରେ କି କି ସର୍ତ୍ତ ଆଧାରରେ କେତେ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି ; ଠିକାଭିତ୍ତିକ କର୍ମାଚାରୀଙ୍କୁ କେଉଁ ହାରରେ ଭତ୍ତା ଓ ଆନୁସଙ୍ଗିକ କି କି ଦେୟ ପ୍ରଦାନ ସହ ଠିକା ସଂସ୍ଥାକୁ କମିଶନ୍ ବାବଦରେ କେତେ ଅର୍ଥ ପ୍ରଦାନ କରାଯିବା ପାଇଁ ଚୁକ୍ତିନାମା କରାଯାଇଛି ତାର ଏକ ବିବରଣୀ ପ୍ରଦାନ କରିବେ କି ?

----

## ବନ୍ଦ ହୋଇଥିବା ଅଙ୍ଗନବାଡ଼ି/ମିନି ଅଙ୍ଗନବାଡ଼ି କେନ୍ଦ୍ର

195 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ମୟୁରଭଞ୍ଜ ଜିଲ୍ଲାରେ କେତେ ସଂଖ୍ୟକ ଅଙ୍ଗନବାଡ଼ି ଓ ମିନି ଅଙ୍ଗନବାଡ଼ି କେନ୍ଦ୍ର ରହିଛି ଏବଂ କେତେ ସଂଖ୍ୟକ କେନ୍ଦ୍ରରେ କର୍ମଚାରୀ ଓ ସହାୟିକା ନଥିବା କାରଣରୁ ଅଙ୍ଗନବାଡ଼ି/ମିନି ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରହିଛି ଏହାର ବ୍ଲକ ଓ ଏନଏସିୱାରୀ ତଥ୍ୟ ପ୍ରଦାନ କରିବେ କି; କେଉଁ କେଉଁ ଠାରେ ଅଙ୍ଗନବାଡ଼ି ଓ ମିନି ଅଙ୍ଗନବାଡ଼ି କେନ୍ଦ୍ରର ଖୋଲାଯିବାର ଆବଶ୍ୟକତା ଥିବାବେଳେ କେଉଁ କାରଣରୁ ଖୋଲାଯାଇନାହିଁ ଏବଂ କେବେ ସୁଦ୍ଧା ଖୋଲାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି ତାହା ଜଣାଇବେ କି ?

----

## ବୁଣାକାରମାନେ ସମବାୟ ସମିତିରେ ସାମିଲ

196 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟରେ ସମୁଦାୟ ବୁଣାକାର ସଂଖ୍ୟା କେତେ, ଏଥିରୁ କେଉଁପ୍ରକାର ବୁଣାକାର କେଉଁଠାରେ କେଉଁ କାର୍ଯ୍ୟରେ ଧୁରୀଣ, ସେମାନଙ୍କ ମଧ୍ୟରୁ ରାଜ୍ୟରେ କେତେ ବୁଣାକାର, ବୁଣାକାର ସମବାୟ ସମିତିରେ ସମ୍ପୃକ୍ତ ଅଛନ୍ତି ଓ ବ୍ୟକ୍ତିଗତ ଭାବରେ ବୃତ୍ତିଗତ କାର୍ଯ୍ୟ କରୁଛନ୍ତି ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି; ବୁଣାକାର ସମବାୟ ସମିତି ମଧ୍ୟରୁ କେଉଁ ଗୁଡ଼ିକ ଲାଭରେ ଅଛି ଓ କେଉଁ ଗୁଡ଼ିକ କ୍ଷତିରେ ଅଛି, ରୁଗଣ ସମିତିକୁ ସଜାଡ଼ିବା ପାଇଁ ପଦକ୍ଷେପ କଣ ?

----

## ବାଲେଶ୍ୱରଠାରେ Science Park ଖୋଲିବା

197 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ବାଲେଶ୍ୱରଠାରେ Science Park ଓ ପ୍ଲାନେଟୋରିମ୍ ପ୍ରତିଷ୍ଠା ସକାଶେ ସରକାରଙ୍କର ପ୍ରସ୍ତାବ ଥିଲାବେଳେ ତାହା ଏବେ କେଉଁସ୍ତରରେ ସରକାରଙ୍କର ସଠିକ୍ ପଦକ୍ଷେପ କଣ , ଏଥିଲାଗି କୌଣସି ପ୍ରତିବନ୍ଧକ ଅଛି କି ?

----

## Export ହୋଇଥିବା ହସ୍ତତନ୍ତ ଓ ବୟନଶିଳ୍ପ

198 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-କେଉଁ କେଉଁ product 2019-20 ଓ 2020-21 ଆର୍ଥିକ ବର୍ଷରେ export କରାଯାଇଛି, Lockdown period ପରେ ଏହି ଶିଳ୍ପର ଏବଂ ଶିଳ୍ପ କାରିଗରମାନଙ୍କ ପାଇଁ କି ବ୍ୟବସ୍ଥା କରିଛନ୍ତି ଜଣାଇବେ କି ?

----

## ITI କୁ Diploma Institution ରେ ପରିଣତ

199 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟରେ ସରକାରୀ ଡିପ୍ଲୋମା ଇଞ୍ଜିନିୟରିଂ ଇନଷ୍ଟିଚ୍ୟୁଟ୍ କେତେଗୋଟି କାର୍ଯ୍ୟ କରୁଅଛି, କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇଠାରେ ଅବସ୍ଥିତ State Institute of plumbing Technology କୁ ITI ରୁ Diploma Institute କୁ ଉନ୍ନତି କରିବା ପାଇଁ ଦୀର୍ଘ ଦିନରୁ ଦାବୀ ହୋଇ ଆସୁଅଛି, ଏହାକୁ Diploma Institute ରେ ପରିଣତ କରିବା ପାଇଁ ସରକାର ଶୀଘ୍ର ପଦକ୍ଷେପ ନେବେ କି ?

----

## ବିଜ୍ଞାନକୁ ଲୋକପ୍ରିୟ କରିବାକୁ ପଦକ୍ଷେପ

200 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟରେ ବିଜ୍ଞାନକୁ ଲୋକ ପ୍ରିୟ କରିବା ପାଇଁ ସରକାର କଣ ପଦକ୍ଷେପ ନେଇଛନ୍ତି, ବିଶ୍ୱ ପ୍ରସିଦ୍ଧ ଭିତରକନିକାର ଜୈବ ବିବିଧତା ଓ ପରିବେଶ ସୁରକ୍ଷାକୁ ଲୋକାଭିମୁଖି କରିବା ସହ ଛାତ୍ରଛାତ୍ରୀମାନଙ୍କୁ ସେଥିପ୍ରତି ଆକୃଷ୍ଟ କରିବା ପାଇଁ କେନ୍ଦ୍ରାପଡା ଜିଲ୍ଲାର ଡାଙ୍ଗମାଳଠାରେ ଏକ Science Centre ପ୍ରତିଷ୍ଠା କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

## ଯୋଗ୍ୟ ହିତାଧିକରୀଙ୍କୁ Pension ଦେବା

201 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-(କ) ରାଜ୍ୟରେ 2020 December ପର୍ଯ୍ୟନ୍ତ ମୋଟ କେତେ (Beneficiaries) ହିତାଧିକାରୀ ବିଭିନ୍ନ Pension ଯୋଜନା ଯଥା Madhu-Babu , Indra Gandhi ଓ ଅନ୍ୟାନ୍ୟ ଯୋଜନା ରେ Pension ପାଇଛନ୍ତି ଏହାର Block wise ତାଲିକା ଦେବେ କି, (ଖ) ଏହି ସମସ୍ତ Pension ଯୋଜନାରେ ମୋଟ କେତେ (Vacancies) ଖାଲି ପଡିରହିଛି ଏହାର Block Wise ତାଲିକା ଦେବେ କି ଏବଂ କେଉଁ ସମୟ ସୀମାରେ ସମସ୍ତ ଯୋଗ୍ୟ ହାତାଧିକାରୀ ଙ୍କୁ Pension ମିଳିବ ?

----

## ହିତାଧୀକାରୀଙ୍କୁ ଖାଦ୍ୟ ବଣ୍ଟନ

202 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ରାଜ୍ୟ ସରକାର ବିଭିନ୍ନ ଅଙ୍ଗନବାଡି କେନ୍ଦ୍ର ରେ Covid-19 ସମୟରେ କିପରି ଭାବରେ ହାତାଧିକାରୀମାନଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ ଓ ପ୍ରତି ଅଙ୍ଗନବାଡି କେନ୍ଦ୍ର ରେ କେତେ Attendance ଉପସ୍ଥାପନ ହୋଇଥିଲା ଏହାର Anganwadi କେନ୍ଦ୍ର ଅନୁସାରେ ଗୋଟିଏ ତାଲିକା ଦେବେ କି, (ଖ) Anganwadi Centre ମାନଙ୍କରେ Absent ରହୁଥିବା ହିତାଧିକାରୀମାନଙ୍କ ଖାଦ୍ୟ ରୁ ସରକାରଙ୍କୁ କେତେ ଅର୍ଥ ସଞ୍ଚୟ ହୋଇଛି ?

----

## Javier University କୁ ଦିଆଯାଇଥିବା ଯାଗା

203 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-JAVIER UNIVERSITY BBSR କୁ କେତେ ଜାଗା କେଉଁ ସ୍ଥାନରେ ପ୍ରଦାନ କରାଯାଇଛି ତାଙ୍କ ସହିତ ସ୍ଥାନିୟ ବେକାରୀ ପିଲାଙ୍କ ନିଯୁକ୍ତିଉପରେ କଣ ସର୍ତ୍ତେ ରଖାଯାଇଛି କି ଉକ୍ତ ଅନୁଷ୍ଠାନର ଗତ ପାଞ୍ଚବର୍ଷ ମଧ୍ୟରେ C.S.R Found କେଉଁ କେଉଁ ବାବଦରେ ଖର୍ଚ୍ଚ ହୋଇଛି ଉକ୍ତ ଶିକ୍ଷାନୁଷ୍ଠାନରେ ରାଜ୍ୟର ପିଲାମାନଙ୍କ ପାଇଁ କେତେ ସିଟର ସଂରକ୍ଷଣ ବ୍ୟବସ୍ଥା ରହିଛି ?

----

## ହବ ଜମି ଥିବା ପୁରୁଣା କୋଠା

204 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-23.02.2019 ରିଖରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ, ନିର୍ମାଣ ହେବାକୁ ଥିବା ହବଜମି ଉପରେ ଅବସ୍ଥାନ କରୁଥିବା ପୁରୁଣା କୋଠାକୁ ବ୍ୟବସାୟୀକ ଦୃଷ୍ଟିରୁ ଉଠାନଯିବାକୁ ପରିଚାଳନା କମିଟିର ନିଷ୍ପତି ନିଆଯାଇଥିବା ସତ୍ୱେ MANAGING DIRECTOR (UTKALIKA) ଏହି ସମ୍ବନ୍ଧରେ ଅନୁଧ୍ୟାନ ନିମନ୍ତେ ହସ୍ତଶିଳ୍ପ ନିର୍ଦ୍ଦେଶକଙ୍କୁ ଅନୁରୋଧ କରିଥିଲେ ସୁଧା କାହା ସ୍ୱାର୍ଥରେ ପୁରୁଣା କୋଠାକୁ ଭାଙ୍ଗି ଦିଆଯାଇଅଛି ଏହି ବିଷୟରେ ଅନୁସନ୍ଧାନ କରି ସମ୍ପୃକ୍ତ ଅଫିସରମାନଙ୍କ ବିରୁଦ୍ଧରେ କିପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଅଛି ତାହାର ସବିଶେଷ ବିବରଣୀ ଉପସ୍ଥାପନ କରିବେ କି ?

----

## ବିଜ୍ଞାନକୁ ଲୋକପ୍ରିୟ କରିବାକୁ ପଦକ୍ଷେପ

205 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଓଡିଶାରେ ବିଜ୍ଞାନକୁ ଲୋକପ୍ରିୟ କରିବାକୁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ସ୍ୱୟଂ ସହାୟକ ଗୋଷ୍ଠୀକୁ ଛତୁଆ ପ୍ରସ୍ତୁତ ପାଇଁ ପଦକ୍ଷେପ

206 **ଶ୍ରୀ ମକରନ୍ଦ ମୁଦୁଲି (ରାୟଗଡା):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଉନ୍ନତ ମାନର ଛତୁଆ ତିଆରି କରିବା ପାଇଁ ସରକାର ରାୟଗଡା ଜିଲ୍ଲାରେ ପ୍ରଥମେ ୬ ଟି ସ୍ୱୟଂ ସହାୟକ ଗୋଷ୍ଠୀ ସଂସ୍ଥାକୁ ଅନୁମତି ଦେଲେ ତାପରେ ଏହାକୁ କମାଇ ୩ ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଛତୁଆ ତିଆରି କରିବା ପାଇଁ ଅନୁମତି ଦେଲେ ବର୍ତ୍ତମାନ ସରକାର ଏହାକୁ ପୁରା କମାଇ କାଶୀପୁର ବ୍ଲକର ମାତ୍ର 1 ଟି ସଂସ୍ଥାକୁ ଛତୁଆ ପ୍ରସ୍ତୁତ କରିବା ପାଇଁ ଅନୁମତି ଦେଇଛନ୍ତି, ଏହାଦ୍ୱାରା ବହୁତ ଅନିୟମିତତା ହେଉଛି, ତେଣୁ ପୁନର୍ବାର ଆଗ ୬ ଟି ସଂସ୍ଥାକୁ ଛତୁଆ ପ୍ରସ୍ତୁତ ପାଇଁ ଅନୁମତି ଦେବେ କି ?

----

## ବିଭିନ୍ନ ଜିଲ୍ଲାରେ ସଂସ୍ଥା ଦ୍ୱାରା ଛତୁଆ ଯୋଗାଣ

207 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-Take home ration ଜରିଆରେ ୩0 ଜିଲ୍ଲାରେ ଜିଲ୍ଲାୱାରୀ ପ୍ରତି ଜିଲ୍ଲାକୁ କେତେ ପରିମାଣର ଛତୁଆ ସରକାର ଯୋଗାଇ ଦେଇଛନ୍ତି, କେଉଁ କେଉଁ ସଂସ୍ଥାମାନଙ୍କୁ କେଉଁ କେଉଁ ଜିଲ୍ଲାକୁ କେତେ କେତେ ପରିମାଣର ଛତୁଆ ଯୋଗାଇ ଦେବାର ଦାୟିତ୍ୱ କାହାକୁ ଦିଆଯାଇଛି, ଯୋଗାଇ ଦିଆଯାଉଥିବା ଛତୁଆର ନିୟମିତ ଗୁଣବତ୍ତା ପରୀକ୍ଷଣତାର ବ୍ୟବସ୍ଥା ଅଛି କି, ଏ କ୍ଷେତ୍ରରେ ତ୍ରୁଟି ବିଚ୍ୟୁତି ପାଇଁ କି ଦଣ୍ଡର ବ୍ୟବସ୍ଥା ରହିଛି ?

----

## ବୟନ ଶିଳ୍ପ ଓ ହସ୍ତତନ୍ତ ଦ୍ୱାରା ଆତ୍ମନିଯୁକ୍ତି

208 **ଶ୍ରୀ ଜୟନାରାୟଣ ମିଶ୍ର (ସମ୍ବଲପୁର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଗତ ୫ ବର୍ଷ (୨୦୧୪-୨୦୧୯) କେତେ ପରିମାଣର ଓ କେତେ ମୂଲ୍ୟର ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ରାଜ୍ୟରେ ଉତ୍ପାଦିତ ହୋଇଛି, କେତେ ପରିମାଣ ଓ ମୂଲ୍ୟର ସାମଗ୍ରୀ ରାଜ୍ୟରେ, ରାଜ୍ୟ ବାହାରେ ଓ ବିଦେଶକୁ ରପ୍ତାନୀ ହୋଇଛି, ରାଜ୍ୟରେ ଜିଲ୍ଲାୱାରୀ କେତୋଟି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ୟୁନିଟ୍ କାର୍ଯ୍ୟ କରୁଛି ଓ ସେଥିରେ କେତେ ଲୋକ ଆତ୍ମ ନିଯୁକ୍ତି ପାଇଛନ୍ତି ?

----

## ସୂତାକଳର ସ୍ଥିତି

209 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟରେ ସମୁଦାୟ କେତୋଟି ସୂତାକଳ ଓ କଳତନ୍ତ୍ର ଅଛି ଓ ଉକ୍ତ ବୟନ ଶିଳ୍ପରେ କେତେ ପୁଞ୍ଜି ବିନିଯୋଗ କରାଯାଇଥିଲା ଓ କେତେ ଶ୍ରମିକ ନିୟୋଜିତ ହୋଇଥିଲେ; ବର୍ତ୍ତମାନ ଏହି ସୂତାକଳ ଓ କଳତନ୍ତ୍ର ସ୍ଥିତି କ'ଣ; ଏହାର ପୁନଃଉଦ୍ଧାର ପାଇଁ ବିଭାଗର ପଦକ୍ଷେପ ସଂପର୍କରେ ସୂଚନା ଦେବେ କି ?

----

## କରୋନା ସ୍ଥିତିରେ ବୈଷୟିକ ଶିକ୍ଷାଧାରୀଙ୍କ ସ୍ଥିତି

210 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-କରୋନା ସ୍ଥିତିରେ ବହୁ ବୈଷୟିକ ଶିକ୍ଷାଧାରୀ ବୃତ୍ତିହରାଇ ସ୍ୱଗୃହ ପ୍ରତ୍ୟାବର୍ତ୍ତନ କରିଥିବା ପରିପ୍ରେକ୍ଷୀରେ ସେମାନଙ୍କ ନିଯୁକ୍ତି ଓ ଆତ୍ମନିଯୁକ୍ତି ନିମନ୍ତେ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଅଣପାରମ୍ପରିକ ଉତ୍ସମାଧ୍ୟମରେ ବିଦ୍ୟୁତ କରଣ

211 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ନବରଙ୍ଗପୁର ଜିଲ୍ଲାର କେତୋଟି ଦୁର୍ଗମ ଗ୍ରାମକୁ ସୌରଶକ୍ତି ଓ ଅଣପାରମ୍ପରିକ ଉତ୍ସର ବିଦ୍ୟୁତିକରଣ କରାଯାଇଛି ଓ ଅବଶିଷ୍ଟ ଚିହ୍ନଟ ଦୁର୍ଗମ ଗ୍ରାମକୁ ଅଣପାରମ୍ପରିକ ଶକ୍ତି ଉତ୍ସରୁ ବିଦ୍ୟୁତିକରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## କୁଟୀର ଶିଳ୍ପ ମାଧ୍ୟମରେ ଆତ୍ମ ନିଯୁକ୍ତି

212 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ନବରଙ୍ଗପୁର ଜିଲ୍ଲାରେ ମହିଳାମାନଙ୍କୁ କୁଟୀର ଶିଳ୍ପ ମାଧ୍ୟମରେ ଆତ୍ମନିଯୁକ୍ତିର ସୁଯୋଗ ପ୍ରଦାନ ପାଇଁ କି କି ଯୋଜନା ରହିଛି ଏବଂ ଏଥିରେ କେଉଁ ମହିଳାମାନେ ଅନ୍ତର୍ଭୁକ୍ତ ଅଛନ୍ତି ବ୍ଲକୱାରୀ ସବିଶେଷ ତଥ୍ୟ ପ୍ରଦାନ କରିବେ କି?

----

## ମହିଳା ଓ ଶିଶୁଙ୍କ ପାଇଁ ଯୋଜନା

213 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ସକାଶେ ରାଜ୍ୟ ଓ କେନ୍ଦ୍ର ସରକାରର କି କି ଯୋଜନା ରହିଛି ଓ କେଉଁ ଯୋଜନାରୁ ବାର୍ଷିକ କେତେ ଟଙ୍କା ଖର୍ଚ୍ଚ ହେଉଛି ଏହାର ସବିଶେଷ ତଥ୍ୟ ପ୍ରଦାନ କରିବେ କି?

----

## ମିଶନ ଶକ୍ତି ଗୃହ ନିର୍ମାଣ

214 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାଜ୍ୟରେ କେଉଁ କେଉଁ ପଞ୍ଚାୟତରେ ମିଶନ ଶକ୍ତି ଗୃହ ଅଛି ; 2020-21 ଆର୍ଥିକ ବର୍ଷରେ ପଞ୍ଚାୟତୱାରୀ ଚିହ୍ନଟ କରାଯାଇଛି କି ; ଚିହ୍ନଟ କରିଥିବା ପଞ୍ଚାୟତଗୁଡିକର ତାଲିକା ଦେବେ କି ; ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ପ୍ରୋତ୍ସାହନ ରାଶି ଦିଆଯାଉଛି କି ; ଯଦି ଦିଆଯାଉଛି କେତେ ଅର୍ଥ ଦିଆଯାଉଛି ?

----

## ଅଙ୍ଗନୱାଡି କେନ୍ଦ୍ରକୁ ଅତ୍ୟାବଶ୍ୟକ ସୁବିଧା ପ୍ରଦାନ

215 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ନବରଙ୍ଗପୁର ଜିଲ୍ଲାସ୍ଥିତ ସମସ୍ତ ଅଙ୍ଗନୱାଡି କେନ୍ଦ୍ରର ସମସ୍ତ ପ୍ରକାର ସୁବିଧା ଯଥା- ପାଇଖାନା ବିଦ୍ୟୁତକରଣ ଓ ପାନୀୟ ଜଳଯୋଗାଣ କରାଯାଇଛି କି ; ଯଦି କରାଯାଇ ନାହିଁ କେଉଁ କେଉଁ କେନ୍ଦ୍ରକୁ ଯୋଗାଯାଉନାହିଁ ଓ ସେ କେନ୍ଦ୍ରକୁ କେବେ ସୁଦ୍ଧା ସମସ୍ତ ଆବଶ୍ୟକ ସୁବିଧା ପ୍ରଦାନ କରିବେ ; ଏହା ବ୍ଲକୱାରୀ ସବିଶେଷ ତଥ୍ୟ ପ୍ରଦାନ କରିବେ କି?

----

## ବୁଣାକାରଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା

216 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ସାମ୍ପ୍ରତିକ କରୋନା ସ୍ଥିତିରେ କୋରାପୁଟ ସମେତ ରାଜ୍ୟର ବୁଣାକାର ପରିବାର ଗୁଡିକର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡିଛି କି; ଏପରିକି କେତେକ ପରିବାର ସେମାନଙ୍କର ତନ୍ତ ବିକ୍ରି କରିଦେଲେଣି କି ; ଏଭଳି ସ୍ଥିତିରେ ସରକାର ସେମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା ନକରିବାର କାରଣ କଣ?

----

## ବୁଣାକାରଙ୍କୁ ପ୍ରାପ୍ୟ ପ୍ରଦାନ

217 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

(କ) ରାଜ୍ୟସରକାରଙ୍କ ଅନ୍ୟତମ ସଂସ୍ଥା ବୟନିକା ରାଜ୍ୟର ବୁଣାକାରମାନଙ୍କ ଠାରୁ ସିଧାସଳଖ ବୟନ ସାମଗ୍ରୀ କିଣୁଥିଲେ କି ବାକିରେ କିଣୁଛନ୍ତି କି; ଏବେ କେତେ ଅର୍ଥ ବୁଣାକାରମାନେ ପାଇବାର ଅଛି ; ତାହାର ଜିଲ୍ଲାୱାରୀ ତଥ୍ୟ ଦେବେ କି; (ଖ) କୋରାପୁଟ ଜିଲ୍ଲାରେ କେତେ ବୁଣାକାର ବାରମ୍ବାର ଭୁବନେଶ୍ୱର ଆସି ନୟାନ୍ତ ହେବାର ଖବର ଅଛି କି?

----

## ଅଙ୍ଗନୱାଡି ସୁବିଧାରୁ ବଞ୍ଚିତ ମହିଳା ଓ ଶିଶୁଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା

218 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

(କ) କୋରାପୁଟ ଜିଲ୍ଲା ସମେତ ରାଜ୍ୟର କେତେ ପଡାଗ୍ରାମର ମହିଳା ଓ ଶିଶୁମାନେ ଅଙ୍ଗନୱାଡି ସୁବିଧାରୁ ବଞ୍ଚିତ ହେଉଛନ୍ତି ତାହାର ତଥ୍ୟ ଦେବେ କି ; ସରକାର ସେମାନଙ୍କୁ ବିକଳ୍ପ ଆକାରରେ କି କି ବ୍ୟବସ୍ଥା ଗ୍ରହଣ କରୁଛନ୍ତି ; (ଖ) ବିକଳ୍ପ ସ୍ୱରୁପ ସେହି ପଡାଗ୍ରାମବାସୀ ତଥା ମହିଳା ଓ ଶିଶୁଙ୍କୁ ସେବାବଦ ଅର୍ଥ ଦିଆଯିବ କି?

----

## ବୃଦ୍ଧାବୃଦ୍ଧଙ୍କୁ ଥଇଥାନ

219 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

(କ) ରାଜ୍ୟରେ କ୍ରମାଗତ ଭାବେ ପରିବାରଛଡା ବୃଦ୍ଧ-ବୃଦ୍ଧା ମାନଙ୍କର ସଂଖ୍ୟା ବଢୁଛି କି ; ସେମାନଙ୍କୁ ଥଇଥାନ ପାଇଁ ସରକାର କି ପ୍ରକାର ବ୍ୟବସ୍ଥା ଗ୍ରହଣ କରୁଛନ୍ତି ; ଏବେ ସରକାରୀ ଭାବେ ଓ ବେସରକାରୀ ଭାବେ କେତେ ବୃଦ୍ଧାଶ୍ରମ ଚାଲୁଛି ; ସେଗୁଡିକର ଅନ୍ତେବାସୀ ସଂଖ୍ୟା କେତେ ; (ଖ) ପ୍ରତ୍ୟେକ ବ୍ଲକରେ ଗୋଟିଏ ଗୋଟିଏ ବୃଦ୍ଧାଶ୍ରମ ସ୍ଥାପନ ପାଇଁ ପଦକ୍ଷେପ ନେବେ କି?

----

## ମିଶନ ଶକ୍ତିକୁ ସହାୟତା ପ୍ରଦାନ

220 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

(କ) ରାଜ୍ୟରେ ଏବେ କେତେ ମହିଳା ମିଶନ ଶକ୍ତିରେ ସାମିଲ ହେଲେଣି ; କେତେ ସଂସ୍ଥା ଗଠିତ ହୋଇଛି ତାହାର ଜିଲ୍ଲାୱାରୀ ତଥ୍ୟ ଦେବେ କି; (ଖ) ସେହିପରି ଭାବେ ଏହି ସଂସ୍ଥାଗୁଡିକୁ କେତେ ଆର୍ଥିକ ସହାୟତା/ଋଣ ସହାୟତା ଦିଆଯାଇଛି ତାହାର ହିସାବ ଦେବେ କି?

----

## IPR ଓ PATENT ପଞ୍ଜିକରଣ

221 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଓଡ଼ିଶାରେ ଅଭିନବ ଓ ଉଦ୍ଭାବନ ଓ ଆବିଷ୍କାର ନିମନ୍ତେ ଓଡ଼ିଶାର ରସଗୋଲାଭଳି ଅଦ୍ୟାବଧି କେତେସଂଖ୍ୟକ intellectual property rights ( IPR) ଓ patent ପଞ୍ଜୀକରଣ ହୋଇଛି, ସେଥିମଧ୍ୟରୁ କେଉଁ ଜିଲ୍ଲାରୁ କେତେ ଓ କେଉଁ କେଉଁ କୃତୀ ବା ଅବଦାନକୁ ଆଇପିଆର ଓ ପେଟେଣ୍ଟ ମିଳିଛି, କେତେ ପ୍ରସ୍ତାବ କେଉଁ ପର୍ଯ୍ୟାୟରେ ରହିଛି ସେ ସମ୍ପର୍କୀତ ସବିଶେଷ ବିବରଣୀ ବିଗତ 5 ବର୍ଷର ବର୍ଷୱାରୀ ପ୍ରଦାନ କରିବେକି ; intellectual property rights ( IPR) ଓ patent ପ୍ରକ୍ରିୟାକରଣ କାର୍ଯ୍ୟ ନିମନ୍ତେ କେଉଁ କେଉଁ ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର ସେଲ ଖୋଲିସାରିଛି, ଅନ୍ୟ କେଉଁଠାରେ କେବେ ଖୋଲିବ ଏବଂ ବିଜ୍ଞାନ ଓ କାରିଗରୀ ବିଭାଗରେ ଏ ସମସ୍ତ କାର୍ଯ୍ୟ ନିମନ୍ତେ କେତେଜଣ ବୈଜ୍ଞାନିକ, ଅଧିକାରୀ ପ୍ରତ୍ୟକ୍ଷଭାବେ ନିୟୋଜିତ ଓ ଅନ୍ୟ କେଉଁମାନେ ପରୋକ୍ଷରେ ସମ୍ପୃକ୍ତ ସେ ବିଷୟରେ ସୂଚନା ଦେବେ କି ?

----

## ପରିପୂରକ ପୃଷ୍ଟି ଯୋଜନା

222 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାଜ୍ୟରେ ପରିପୂରକ ପୃଷ୍ଟି ଯୋଜନାରେ ବିଗତ ପାଞ୍ଚ ବର୍ଷ ମଧ୍ୟରେ କେଉଁ ବର୍ଷ କେତେ ସଂଖ୍ୟକ ଶିଶୁ ଏବଂ ଗର୍ଭବତୀ ଓ ପ୍ରସୁତି ମହିଳାଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଇଛି ଓ ଏବାଦରେ ରାଜ୍ୟ ଓ କେନ୍ଦ୍ର ସରକାର କେତେ ଅର୍ଥ କେଉଁ ବର୍ଷ ପ୍ରଦାନ କରିଛନ୍ତି, ଗର୍ଭବତୀ ଓ ପ୍ରସୁତି ମହିଳା ଓ ଶିଶୁଙ୍କୁ ବଣ୍ଟନ କରାଯାଉଥିବା ଖାଦ୍ୟ ମୂଲ୍ୟ ବାବଦରେ କେଉଁ ବର୍ଷ କେତେ ଅର୍ଥ କେଉଁ କେଉଁ ପ୍ରକାରର କେତେ ପ୍ରୋଟିନ୍ କ୍ୟାଲୋରୀ ଯୁକ୍ତ ଖାଦ୍ୟ ନିମନ୍ତେ କେତେ ନିର୍ଦ୍ଧାରଣ କରାଯାଇଥିଲା 2014-15 ରୁ ଚଳିତ ବର୍ଷ ପର୍ଯ୍ୟନ୍ତ ବର୍ଷୱାରୀ ଦେବା ସହିତ ଏହି ମୂଲ୍ୟ ଖାଉଟି ମୂଲ୍ୟସୁଚି ଅନୁଯାୟୀ କେଉଁ ବର୍ଷ କେତେ ବୃଦ୍ଧି କରିବା ପାଇଁ ସରକାର କି କି ନିର୍ଦ୍ଦିଷ୍ଟ ପଦକ୍ଷେପ ଗ୍ରହଣ କରିଥିଲେ ଏବଂ କେଉଁ ବର୍ଷ କେତେ ବୃଦ୍ଧି କରିଛନ୍ତି ତାର ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ମଦ୍ୟପାନ ଓ ଡ୍ରଗ୍ସ ସେବନର ପ୍ରତିକାର

223 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-କେନ୍ଦ୍ର ସରକାରଙ୍କ ମଦ୍ୟପାନ ଓ ଅନ୍ୟାନ୍ୟ ଡ୍ରଗ୍ସ ସେବନ ପ୍ରତିକାର, ବରିଷ୍ଠ ନାଗରିକ (3) ଙ୍କ ନିମନ୍ତେ ଉଦ୍ଦିଷ୍ଟ ସମନ୍ୱିତ କାର୍ଯ୍ୟକ୍ରମ, ଅନୁସୂଚିତ ଜାତି (4) ଓ ପଛୁଆବର୍ଗ ବା ଓବିସି (5) ଙ୍କ ପାଇଁ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଙ୍ଗଠନଙ୍କୁ ସହାୟତା ଓ ଏସସି ଓ ଓବିସିଙ୍କ କୋଚିଂ ନିମନ୍ତେ ଉଦ୍ଦିଷ୍ଟ ଯୋଜନାମାନଙ୍କରେ ଅଦ୍ୟାବଧି ରାଜ୍ୟର କେତେ ଏନଜିଓଙ୍କୁ ମନୋନୀତ କରାଯାଇଛି, ସେମାନଙ୍କୁ କେନ୍ଦ୍ରୀୟ ଓ ରାଜ୍ୟ ସରକାରଙ୍କ ପକ୍ଷରୁ କେତେ ଆର୍ଥିକ ସହାୟତା ଆବଣ୍ଟନ କରାଯାଇଛି, ସେମାନଙ୍କ କାର୍ଯ୍ୟକଳାପ ଅନୁଧ୍ୟାନ ଓ ଯାଞ୍ଚ ନିମନ୍ତେ କି ବ୍ୟବସ୍ଥା ହୋଇଛି, ଅଭିଯୋଗ ଅନୁସାରେ ଏ ସମସ୍ତ କାର୍ଯ୍ୟ କରୁଥିବା କେତେ ଏନଜିଓଙ୍କୁ କଳାତାଲିକାଭୁକ୍ତ କରି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ଏ ସମସ୍ତ ଯୋଜନାରେ କେତେ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ କି କି ସୁବିଧା ଉପଲବ୍ଧ କରାଯାଇଛି, ସେ ସମ୍ପର୍କରେ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ଗବେଷଣା ନିମନ୍ତେ ବ୍ୟୟ ବରାଦ

224 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଓଡ଼ିଶା ତୁଳନାରେ ଇସ୍ରାଏଲ୍ କ୍ଷୁଦ୍ର ହୋଇଥିଲେ ବି ସେ ଦେଶ ଗବେଷଣା କ୍ଷେତ୍ରରେ ସମଗ୍ର ବିଶ୍ୱରେ ଉଲ୍ଲେଖନୀୟ ସ୍ଥାନ ଅଧିକାର କରିଥିବା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି, ଏହି ପରିପ୍ରେକ୍ଷୀରେ କହିବେ କି ରାଜ୍ୟରେ କେଉଁ କେଉଁ କ୍ଷେତ୍ର ନିମନ୍ତେ ଉଚ୍ଚତର ଶିକ୍ଷା ଓ ଗବେଷଣା ଆବଶ୍ୟକ, ସେଥି ମଧ୍ୟରେ atomic energy, marine biology, artificial intelligence ଆଦି ରହିଛି କି, ଯଦି ଉତ୍ତର ହଁ ତେବେ ସେ ନେଇ ସରକାର କି ପଦକ୍ଷେପ ନେଉଛନ୍ତି, ବିଶ୍ୱ ବିଦ୍ୟାଳୟ ସ୍ତରରେ ସେସବୁ କ୍ଷେତ୍ର ନିମନ୍ତେ ଉଚ୍ଚତର ଶିକ୍ଷା ଓ ଗବେଷଣା ପାଇଁ ବିଜ୍ଞାନ, ଗାରିଗରୀ ବିଭାଗ ସୁପାରିଶ କରିବ କି, ରାଜ୍ୟରେ ଅତ୍ୟାଧୁନିକ ତଥା ବିଶ୍ୱସ୍ତରୀୟ ଗବେଷଣା ନିମନ୍ତେ ବଜେଟରେ ଆବଶ୍ୟକ ପରିମାଣର ବ୍ୟୟ ବରାଦ କରିବା ସହିତ ଭବିଷ୍ୟତରେ ଏ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ବିଚାର କରୁଛନ୍ତି କି ?

----

## ଭିନ୍ନକ୍ଷମଙ୍କ ସଶକ୍ତିକରଣ

225 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଓଡ଼ିଶାର ସର୍ବଶେଷ ତଥ୍ୟ ମୁତାବକ କେଉଁ କେଉଁ ଜିଲ୍ଲାରେ କେତେ ପ୍ରକାରର କେତେ ସଂଖ୍ୟକ ଭିନ୍ନକ୍ଷମ ବ୍ୟକ୍ତି ରହିଛନ୍ତି, ସେମାନଙ୍କ ମଧ୍ୟରୁ କେତେ ଜଣ ଉଚ୍ଚ ଶିକ୍ଷିତ, ତାଲିମପ୍ରାପ୍ତ, ସରକାରୀ ଓ ଘରୋଇ ସଂସ୍ଥାରେ ନିଯୁକ୍ତି ପାଇଛନ୍ତି, କେତେ ବ୍ୟବସାୟରେ ନିୟୋଜିତ, କେତେ ଜଣଙ୍କୁ ସରକାରୀ ତଥା ଅନ୍ୟାନ୍ୟ ସୂତ୍ରରୁ କି ଯୋଜନାରେ କେତେ ପରିମାଣର ଋଣ ଦିଆଯାଇଛି, ଅଦ୍ୟାବଧି କେତେ ଜଣ ସଶକ୍ତିକରଣ ହୋଇ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିଛନ୍ତି, ଅବଶିଷ୍ଟ କେତେ ଜଣ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ, ଏ ସମସ୍ତଙ୍କର ଜିଲ୍ଲାୱାରୀ ତାଲିକା ଦେବେ କି, ଅନେକ ଭିନ୍ନକ୍ଷମ ବ୍ୟକ୍ତି ପ୍ରଶାସନର ନଜର ଆଢୁଆଳରେ ରହି ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଏପରି କି ରାଜଧାନୀ ଭୁବନେଶ୍ୱରରେ ଭିକ୍ଷାବୃତ୍ତି ଆପଣେଇଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଯଦି ନା, ତେବେ ସେ ନେଇ ସରକାର କି ପଦକ୍ଷେପ ନେବାକୁ ବିଚାର କରୁଛନ୍ତି ?

----

## ଅଭିଯୋଗର ଆସୁ ସମାଧାନ

226 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାଜ୍ୟ ମହିଳା ଆୟୋଗରେ କେଉଁ ବର୍ଷର କେତୋଟି ଅଭିଯୋଗ ବିଚାରାଧୀନ ଅଛି ଓ କେଉଁ ବର୍ଷର କେତୋଟି ଅଭିଯୋଗ ସମାଧାନ ହୋଇଛି, ବକେୟା ଅଭିଯୋଗର ଆଶୁ ସମାଧାନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଖାଲି ପଦବୀ ପୂରଣ

227 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାଜ୍ୟର କେଉଁ ସରକାରୀ ଉଦ୍ୟୋଗରେ ମଞ୍ଜୁରୀପ୍ରାପ୍ତ କେଉଁ ପଦବୀରୁ କେତେ ପଦବୀ ଖାଲି ଅଛି ଓ ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଖାଲି ପଦବୀ ପୂରଣ

228 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାଜ୍ୟରେ ମଞ୍ଜୁରୀପ୍ରାପ୍ତ DSWO, SDSWO, CDPO ଓ I.C.D.S Supervisor ପଦବୀରୁ କେତେ ପଦବୀ ଖାଲିଅଛି ତାହାର ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ପେନସନ୍ ପ୍ରଦାନ

229 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ମଧୁବାବୁ ପେନ୍ ସନ୍ ଯୋଜନାରେ କଟକ ଜିଲ୍ଲାର କେଉଁ ବ୍ଲକ ଓ ପୌରସଂସ୍ଥାର କେତେ ଜଣଙ୍କୁ ପେନସନ୍ ପ୍ରଦାନ କରାଯାଉଛି ଅନ୍ୟ ହିତାଧିକାରୀ ଚିହ୍ନଟ କରି ଭତ୍ତା ପ୍ରଦାନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ତୋଷାଳୀ ମେଳା

230 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ଚଳିତ 2021 ତୋଷାଳୀ ମେଳା ଭିତ୍ତିଭୂମୀ ଉନ୍ନୟନ ବାବଦରେ ସରକାର କେତେ ଅର୍ଥ ବ୍ୟୟ କରିଥିବାବେଳେ କେନ୍ଦ୍ର ସରକାର କେତେ ଅନୁଦାନ ପ୍ରଦାନ କରିଛନ୍ତି ଓ ଏହି ମେଳାରେ କେତେଗୋଟି ସଂସ୍ଥା କେଉଁ ରାଜ୍ୟରୁ ଭାଗ ନେଇଥିଲେ ତାହାର ତାଲିକା ସହ ସର୍ବମୋଟ କେତେ ମୂଲ୍ୟର ସାମଗ୍ରୀ ବିକ୍ରୟ ହୋଇଛି ପ୍ରକାଶ କରିବେ କି ?

----

## ନିଜସ୍ୱ ଗୃହ ନଥିବା ଅଙ୍ଗନୱାଡି କେନ୍ଦ୍ର

231 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ)ଃ**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ଢେଙ୍କାନାଳ ଜିଲ୍ଲାର କେଉଁ ବ୍ଲକ ଓ ପୌରସଂସ୍ଥାରେ ଖାଲିଥିବା କେତୋଟି ଅଙ୍ଗନବାଡି କେନ୍ଦ୍ର ନିଜସ୍ୱ ଗୃହ ନାହିଁ, ନିଜସ୍ୱ ଗୃହ ନଥିବା ଅଙ୍ଗନୱାଡି କେନ୍ଦ୍ର ପାଇଁ ଜମି ବ୍ୟବସ୍ଥା କରି ପର୍ଯ୍ୟାୟକ୍ରମେ ଅଙ୍ଗନବାଡି କେନ୍ଦ୍ର ଖୋଲିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## କଳତନ୍ତକୁ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ

232 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ)ଃ**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାଜ୍ୟର କେଉଁ କେଉଁ ସ୍ଥାନରେ ଥିବା କଳତନ୍ତ କେବେଠାରୁ ଅଚଳ ଅବସ୍ଥାରେ ଅଛି ତାହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଗୋବିନ୍ଦପୁର ସମବାୟ ସୁତାକଳକୁ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ

233 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ)ଃ**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ଢେଙ୍କାନାଳ ଗୋବିନ୍ଦପୁର ସମବାୟ ସୁତାକଳ କେବେଠାରୁ ଅଚଳ ଅବସ୍ଥାରେ ଅଛି ତାହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## କୁଷ୍ଠ କଲୋନୀ ନିର୍ମାଣ

234 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ)ଃ**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ଢେଙ୍କାନାଳ ଜିଲ୍ଲାରେ କେତେ କୁଷ୍ଠରୋଗୀ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ରହଣୀ ପାଇଁ କେଉଁଠାରେ କୁଷ୍ଠ କଲୋନୀ ନିର୍ମାଣ ହୋଇଛି, ଜିଲ୍ଲାରେ କୁଷ୍ଠରୋଗୀଙ୍କ ରହଣୀପାଇଁ ଆଦର୍ଶ କୁଷ୍ଠ କଲୋନୀ ନିର୍ମାଣ ପାଇଁ ସରକାର ବ୍ୟବସ୍ଥା କରିବେକି?

----

## ଛାତ୍ରଛାତ୍ରୀଙ୍କ ବିବରଣୀ ପ୍ରଦାନ

235 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ)ଃ**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାଜ୍ୟରେ ଥିବା କେଉଁ ସରକାରୀ, ଘରୋଇ ଯାନ୍ତ୍ରୀକ ମହାବିଦ୍ୟାଳୟ, ବିଦ୍ୟାଳୟରେ କେଉଁ ଟ୍ରେଡରେ ଚଳିତ 2020-2021 ଶିକ୍ଷା ବର୍ଷରେ କେତେ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି ତାହାର କଲେଜୱାରୀ ବିବରଣୀ ପ୍ରଦାନ କରିବେକି?

----

## ଯାନ୍ତ୍ରୀକ ବିଦ୍ୟାଳୟ ପ୍ରତିଷ୍ଠା

236 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ ସରକାରୀ ଯାନ୍ତ୍ରୀକ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ତାହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଭିକାରୀଙ୍କୁ ସ୍ୱାବଲମ୍ବନଶୀଳ କରିବାକୁ ପଦକ୍ଷେପ

237 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାଜ୍ୟର କେଉଁ ଜିଲ୍ଲାରେ କେତେ ଭିକାରୀ ଥିବା ଆକଳନ କରାଯାଇଛି ଭିକାରୀମାନଙ୍କୁ ସ୍ୱାବଲମ୍ବନଶୀଳ କରି ରାଜ୍ୟକୁ ଭିକାରୀମୁକ୍ତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଅଚଳ ଉଦ୍ୟୋଗକୁ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ

238 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ଅନୁଗୋଳ ଜିଲ୍ଲାର କେଉଁଠାରେ ପ୍ରତିଷ୍ଠିତ କେଉଁ ସରକାରୀ ଉଦ୍ୟୋଗ କେବେଠାରୁ ଅଚଳ ଅବସ୍ଥାରେ ଅଛି ତାହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## କର୍ମଜୀବି ମହିଳା ନିବାସ ନିର୍ମାଣ

239 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ଅନୁଗୋଳଠାରେ କେତେଜଣ କର୍ମଜୀବି ମହିଳାଙ୍କ ରହଣୀ ପାଇଁ କର୍ମଜୀବି ମହିଳା ନିବାସ ଅଛି ପ୍ରକାଶ କରି ଅଧିକ କର୍ମଜୀବି ମହିଳାଙ୍କ ରହଣୀ ପାଇଁ କର୍ମଜୀବି ମହିଳା ନିବାସ ନିର୍ମାଣ ପାଇଁ ସରକାର ବ୍ୟବସ୍ଥା କରିବେକି?

----

## ଅକ୍ଷୟ ଶକ୍ତିର ବିକାଶ

240 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ଅନୁଗୋଳ, ତାଳଚେର, ଆଠମଲ୍ଲିକ ସହରରୁ ନିର୍ଗତ ବର୍ଜ୍ୟବସ୍ତୁକୁ ପ୍ରକ୍ରିୟାକରଣ କରି ଓଡିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ତରଫରୁ ଜୈବିକ ଖତ ଓ ସବୁଜ ଶକ୍ତି ଉତ୍ପାଦନ ପାଇଁ ସରକାରଙ୍କୁ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ବିଦ୍ୟାର୍ଥୀଙ୍କ ବାର୍ଷିକ ଶିକ୍ଷାର ସୁଯୋଗ

241 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ଭଦ୍ରକ ଜିଲ୍ଲାରେ କେଉଁ ଯାନ୍ତ୍ରୀକ ମହାବିଦ୍ୟାଳୟ ବିଦ୍ୟାଳୟ ଅନ୍ୟ ବୈଷୟିକ ଶିକ୍ଷାନୁଷ୍ଠାନମାନଙ୍କ ମାଧ୍ୟମରେ କେତେ ବିଦ୍ୟାର୍ଥୀଙ୍କୁ ବାର୍ଷିକ ଶିକ୍ଷାର ସୁଯୋଗ ପ୍ରଦାନ କରାଯାଉଛି, ଜିଲ୍ଲାରେ ବୈଷୟିକ ଶିକ୍ଷାର ବିକାଶ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ବାଳିକା ସମୃଦ୍ଧି ଯୋଜନାରେ ସଫଳତା

242 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ବାଳିକା ସମୃଦ୍ଧି ଯୋଜନାରେ ଭଦ୍ରକ ଜିଲ୍ଲାର କେଉଁ ବ୍ଲକ ଓ ପୌରସଂସ୍ଥାରେ ବିଗତ ତିନିବର୍ଷରେ କେତେ ସଫଳତା ହାସଲ ହୋଇଛି ଓ ଜିଲ୍ଲାରେ ଏହି ଯୋଜନାର ସଫଳ ରୂପାୟନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## Institute of mathematical Science ତରଫରୁ ଗଣିତ ମେଧା ଶକ୍ତିର ବିକାଶ

243 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାଜ୍ୟରେ ବିଦ୍ୟାର୍ଥୀଙ୍କ, ଗଣିତ ମେଧାଶକ୍ତି ବିକାଶ ପାଇଁ Institute of mathematical Science ତରଫରୁ କି କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଉତ୍ପାଦିତ ବସ୍ତ୍ରର ବିକ୍ରୟ ହ୍ରାସର କାରଣ

244 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

କରୋନାସ୍ଥିତିରେ ବୟନିକା, ଅମ୍ଳାନ ଓ ସମ୍ବଲପୁରୀ ବସ୍ତ୍ରାଳୟ ସହ ତନ୍ତୁବାୟ ସହଯୋଗ ସମିତିଦ୍ୱାରା ଉତ୍ପାଦିତ ବସ୍ତ୍ରର ବିକ୍ରୟ 2020 କେଉଁ ମାସରେ କେତେ ହ୍ରାସ ପାଇଛି ପ୍ରକାଶ କରି ବସ୍ତ୍ର ବିକ୍ରୟ ବୃଦ୍ଧିପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ?

----

## ଦିବ୍ୟାଙ୍ଗଙ୍କୁ ଦିଆଯାଇଥିବା ସହାୟକ ଉପକରଣର ବିବରଣୀ

245 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ଭଦ୍ରକ ଜିଲ୍ଲାରେ କେତେ ଦିବ୍ୟାଙ୍ଗ ଚିହ୍ନଟ ହୋଇଥିବାବେଳେ ତନ୍ମଧ୍ୟରୁ କେତେଜଣଙ୍କୁ ଭତ୍ତା, ଓ ସହାୟକ ଉପକରଣ ଯୋଗାଇ ଦିଆଯାଇଛି ତାହାର ବିବରଣୀ ପ୍ରଦାନ କରିବେ କି ?

----

## ଧର୍ମଗଡ଼ରେ ବୈଷୟିକ ଶିକ୍ଷା ପ୍ରଦାନ

246 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ଧର୍ମଗଡ଼ ନିର୍ବାଚନ ମଣ୍ଡଳୀରେ ସରକାରୀ ଯାନ୍ତ୍ରିକ ବିଦ୍ୟାଳୟ ଓ ଶିଳ୍ପ ତାଲିମ ପ୍ରତିଷ୍ଠାନ ପ୍ରତିଷ୍ଠା କରି ବୈଷୟିକ ଶିକ୍ଷା ପ୍ରଦାନ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ତାହାର କାର୍ଯ୍ୟକାରୀତା ନିମନ୍ତେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଭିନ୍ନକ୍ଷମଙ୍କୁ ବୀମାଭୁକ୍ତ

247 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାଜ୍ୟର ସମସ୍ତ ଭିନ୍ନକ୍ଷମଙ୍କୁ ବୀମାଭୁକ୍ତ ଓ ସ୍ୱାସ୍ଥ୍ୟବୀମାଭୁକ୍ତ କରିବାକୁ ସରକାରଙ୍କ ପ୍ରସ୍ତାବ ଥିଲେ ତାହାର କାର୍ଯ୍ୟକାରୀତା ନିମନ୍ତେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ସାଧାରଣ ଉଦ୍ୟୋଗର ଲାଭ ବା କ୍ଷତି

248 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ବିଗତ ଚାରିବର୍ଷରେ ରାଜ୍ୟର କେଉଁ ସାଧାରଣ ଉଦ୍ୟୋଗ ପ୍ରତିଷ୍ଠାନ ଖର୍ଚ୍ଚ ବାଦ ଦେଇ ଓ ମିଶାଇ କେତେ ଲାଭ ବା କ୍ଷତି କରିଛନ୍ତି, ତାହାର ତାଲିକା ଦର୍ଶାଇ ସରକାରୀ ଉଦ୍ୟୋଗକୁ ଲାଭଜନକ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## କଳାହାଣ୍ଡି ଜିଲ୍ଲାରେ କର୍ମଜୀବି ମହିଳା ନିବାସ

249 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

କଳାହାଣ୍ଡି ଜିଲ୍ଲାରେ କର୍ମଜୀବି ମହିଳାଙ୍କ ରହଣୀପାଇଁ କେଉଁଠାରେ କେତେ ଜଣଙ୍କ ରହଣୀପାଇଁ କର୍ମଜୀବି ମହିଳା ନିବାସ ପ୍ରତିଷ୍ଠା ହୋଇଛି, ଜିଲ୍ଲାରେ ଅଧୀକ କର୍ମଜୀବି ମହିଳା ନିବାସ ପ୍ରତିଷ୍ଠା ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିବେ କି ?

----

## ଅକାଳ ମୃତ୍ୟୁରଶୀକାର ହୋଇଥିବା ବୁଣାକାରଙ୍କ ସଂଖ୍ୟା

250 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ବିଗତ 5 ବର୍ଷରେ କେତେଜଣ ବୁଣାକାର ଅକାଳ ମୃତ୍ୟୁର ଶୀକାର ହୋଇଥିବାବେଳେ ତାଙ୍କ ଉତ୍ତରାଧୀକାରୀଙ୍କୁ କେତେ କ୍ଷତିପୂରଣ ପ୍ରଦାନ କରାଯାଇଛି ?

----

## ବଣ୍ଟନ ହେଉଥିବା ଛତୁଆ ଓ ଅନ୍ୟାନ୍ୟ ଖାଦ୍ୟ ପଦାର୍ଥର ପରିମାଣ

251 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ନୟାଗଡ଼ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଣପୁର ବ୍ଲକ ଓ ଓଡ଼ଗାଁ ବ୍ଲକରେ ଗର୍ଭବତୀ ମହିଳା ଓ ଅଙ୍ଗନୱାଡ଼ି କେନ୍ଦ୍ର ମାନଙ୍କୁ ମାସିକ କେତେ ପରିମାଣର ଛତୁଆ ଓ ଅନ୍ୟାନ୍ୟ ଖାଦ୍ୟ ପଦାର୍ଥ ବଣ୍ଟନ କରାଯାଇଥାଏ; ରଣପୁର ନିର୍ବାଚନ ମଣ୍ଡଳୀରେ ଛତୁଆ ଯୋଗାଣ କରିବା ପାଇଁ କେଉଁ କେଉଁ ସଂସ୍ଥାକୁ ଦାୟୀତ୍ୱ ଦିଆଯାଇଛି ଓ ଛତୁଆର ମାନ ଯାଞ୍ଚ ପାଇଁ କି କି ପଦକ୍ଷେପ ଗ୍ରହଣ କରାଯାଇଛି ଜଣାଇବେ କି ?

----

## ବୁଣାକାରଙ୍କ କଲ୍ୟାଣ ପାଇଁ ପଦକ୍ଷେପ

252 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ନୟାଗଡ଼ ଜିଲ୍ଲାରେ କେତେ ସଂଖ୍ୟକ ପଞ୍ଜିକୃତ ବୁଣାକାର ଅଛନ୍ତି; ସେମାନଙ୍କ କଲ୍ୟାଣ ପାଇଁ କି କି ପଦକ୍ଷେପ ଗ୍ରହଣ କରାଯାଇଛି; ନୟାଗଡ଼ ଜିଲ୍ଲାରେ ବୟନ ଶିଳ୍ପର ଆଧୁନିକିକରଣ ତଥା ନୂଆ ନୂଆ ଡ଼ିଜାଇନର ଶାଢ଼ି, ଧୋତି, ଲୁଙ୍ଗି ଓ କପଡ଼ା ତିଆରି କରିବା ପାଇଁ ବୁଣାକାର ମାନଙ୍କୁ ପ୍ରସିକ୍ଷଣ ଓ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା କରିବେ କି ?

----

## ନିଜସ୍ୱ ଗୃହ ନଥିବା ଅଙ୍ଗନୱାଡ଼ି କେନ୍ଦ୍ରର ତାଲିକା

253 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ନୟାଗଡ଼ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଣପୁର ବ୍ଲକ ଓ ଓଡ଼ଗାଁ ବ୍ଲକରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ମାନଙ୍କ ମଧ୍ୟରୁ କେଉଁ କେଉଁ ଅଙ୍ଗନୱାଡ଼ି କେନ୍ଦ୍ର ମାନଙ୍କରେ ନିଜସ୍ୱ ଗୃହ ଅଦ୍ୟାବଧି ନିର୍ମାଣ କରାଯାଇ ନାହିଁ ତାହାର ଏକ ତାଲିକା ଦେବେ କି; ନିଜସ୍ୱ ଗୃହ ନଥିବା ଅଙ୍ଗନୱାଡ଼ି କେନ୍ଦ୍ର ମାନଙ୍କରେ କେବେ ସୁଦ୍ଧା ନିଜସ୍ୱ ଗୃହ ନିର୍ମାଣ କରାଯିବ ନିର୍ଦ୍ଦିଷ୍ଟ ଭାବେ ଜଣାଇବେ କି; ଓଡ଼ଗାଁ ବ୍ଲକର ମଗରବନ୍ଧ ଗ୍ରାମପଞ୍ଚାୟତର ବିନାୟକପୁର ଅଙ୍ଗନୱାଡ଼ି କେନ୍ଦ୍ରର ଗୃହ ଦୀର୍ଘଦିନ ଧରି ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବାରୁ ଉକ୍ତ କେନ୍ଦ୍ରର ଗୃହକୁ ସମ୍ପୂର୍ଣ୍ଣ କରିବା ପାଇଁ ପଦକ୍ଷେପ ନେବେ କି ?

----

## ପରିଧାନ ଶିଳ୍ପ ପ୍ରତିଷ୍ଠା

254 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ନୟାଗଡ଼ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀ ଏକ ଶିଳ୍ପ ଅନଗ୍ରସର ନିର୍ବାଚନ ମଣ୍ଡଳୀ ହୋଇଥିବାରୁ ବେକାର ଯୁବକ ଯୁବତୀ ମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ରଣପୁରଠାରେ ଗୋଟିଏ ପରିଧାନ ଶିଳ୍ପ (APPAREL) ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନେବେ କି ?

----

## Planetorium ନିର୍ମାଣ

255 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ଓଡ଼ିଶାର କେଉଁ କେଉଁ ଜିଲ୍ଲାରେ Planetorium ନିର୍ମାଣ ହୋଇଛି; ନୟାଗଡ଼ ଜିଲ୍ଲାରେ ଏକ Planetorium ନିର୍ମାଣ କରିବା ପାଇଁ ପଦକ୍ଷେପ ନେବେ କି ?

----

## ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ତାଲିକା

256 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ଗଞ୍ଜାମ ଜିଲ୍ଲାର Bellaguntha Blockରେ କେଉଁ କେଉଁ ପଞ୍ଚାୟତ ଭତ୍ତା ପାଉଥିବା ବ୍ୟକ୍ତି ୪.୨.୨୧ସୁଦ୍ଧା ମୃତ୍ୟୁ ବରଣ କରିଛନ୍ତି ଏବଂ ତାର ତାଲିକା ଦେବା ସହ ସେହି ଭତ୍ତାକୁ ସେହି ପଞ୍ଚାୟତ ବ୍ୟକ୍ତିଙ୍କୁ ଦେବା ପାଇଁ ସରକାର ପଦକ୍ଷେପ ନେବେ କି ?

----

**Solar light ବ୍ୟବସ୍ଥା**

257 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ଗଞ୍ଜାମ ଜିଲ୍ଲାର Sorada Blockରେ ସରକାର ତରଫରୁ ଆଦିବାସୀ ଅଧ୍ୟୁସିତ ଅଞ୍ଚଳରେ Solar light ଦେବା ପାଇଁ ସରକାର ପଦକ୍ଷେପ ନେବେ କି ?

----

**ନିଜସ୍ୱ ଗୃହ ନଥିବା ଅଙ୍ଗନୱାଡ଼ି କେନ୍ଦ୍ର**

258 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ଗଞ୍ଜାମ ଜିଲ୍ଲାର Sorada Block/Belluguntha Block ରେ କେତେ ଗୋଟି ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ ତାହାର ତାଲିକା ଜଣାଇବେ କି ?

----

**ଛତୁଆ ବଣ୍ଟନ**

259 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ଗଞ୍ଜାମ ଜିଲ୍ଲାର Belluguntha Bolck ରେ ଛତୁଆ ବଣ୍ଟନ କେଉଁ କେଉଁ ଅଙ୍ଗନ ବାଡ଼ି କେନ୍ଦ୍ରକୁ ବଣ୍ଟନ କରୁଛନ୍ତି ତାର ତାଲିକା ଏବଂ ଖାଦ୍ୟର କଣ କଣ ଦେଉଛନ୍ତି ତାହା ସମ୍ପୂର୍ଣ୍ଣ ତଥ୍ୟ ଜଣାଇବେ କି ?

----

**SHG Group କୁ loan ପ୍ରଦାନ**

260 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ଗଞ୍ଜାମ ଜିଲ୍ଲାର Sorada Block ରେ ମିଶନଶକ୍ତି ଜରିଆରେ କେତେଗୋଟି SHG କାର୍ଯ୍ୟ କରିଛନ୍ତି ସେମାନଙ୍କର ତାଲିକା ଦେବା ସହ ସେମାନଙ୍କୁ Bank Loan ଦେଇଅଛି ତାର ତାଲିକା ଦେବେ କି ?

----

## ଶିଳ୍ପ ଗ୍ରାମ ବିକାଶ

261 **ଶ୍ରୀ ଭବାନୀ ଶଙ୍କର ଭୋଇ (ତଳସରା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାଜ୍ୟ ସରକାର ଅଧୁନା କେତୋଟି ଗ୍ରାମକୁ ଶିଳ୍ପୀଗ୍ରାମଭାବେ ଗ୍ରହଣ କରି ବିକାଶ କରିଛନ୍ତି କହିବା ସଙ୍ଗେ ସଙ୍ଗେ ରାଜ୍ୟରେ ହସ୍ତଶିଳ୍ପ ଇଣ୍ଡଷ୍ଟ୍ରିଜ ଗୁଡିକୁ କି ପ୍ରକାର ପ୍ରୋତ୍ସାହନ ଦେଇଛନ୍ତି ବା ଦବା ପାଇଁ ଯୋଜନା କରିଛନ୍ତି, 2020-21 ଆର୍ଥିକ ବର୍ଷରେ ରାଜ୍ୟରେ କେତେ ଟଙ୍କା ବିଭାଗ ତରଫରୁ ହସ୍ତଶିଳ୍ପ ଇଣ୍ଡଷ୍ଟ୍ରିଜ୍ ବିକାଶ ପାଇଁ ବ୍ୟୟ ବରାଦ ହୋଇଛି ଓ ସେଥିରୁ କେତେ ଟଙ୍କା କେଉଁ କେଉଁ କାମ ପାଇଁ ଖର୍ଚ୍ଚ କରାଯାଇଛି କହିବେ କି, ସେହିଭଳି ରାଜ୍ୟରେ ବନ୍ଦଥିବା ସମସ୍ତ ସୂତାକଳ ଗୁଡିକୁ ପୁନର୍ବାର ଚାଲୁ କରିବା ପାଇଁ ସରକାର ଆର୍ଥିକ ବ୍ୟବସ୍ଥା ହେଉ ବା ଅନ୍ୟ କେଉଁ ବୃହତ ଶିଳ୍ପାନୁଷ୍ଠାନ ସହ ଚୁକ୍ତି କରିବା ପାଇଁ ପଦକ୍ଷେପ ନେବେ କି ?

----

## ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ଓ ଯନ୍ତ୍ରପାତି ପ୍ରଦାନ

262 **ଶ୍ରୀ ଭବାନୀ ଶଙ୍କର ଭୋଇ (ତଳସରା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ବିଗତ 10 ବର୍ଷ ମଧ୍ୟରେ ରାଜ୍ୟ ସରକାର କେତେଜଣ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ବା ଅନ୍ୟାନ୍ୟ ଯନ୍ତ୍ରପାତି ଯୋଗାଇ ଦେଇଛନ୍ତି, ଜିଲ୍ଲାୱାରୀ ସେମାନଙ୍କ ସଂଖ୍ୟା, ବିବରଣୀ ଓ ସେ ବାବଦ ଖର୍ଚ୍ଚର ପରିମାଣ କେତେ ?

----

## ସ୍ୱତନ୍ତ୍ର ଭାବେ କାମ କରୁଥିବା ତାଲିମ ଅନୁଷ୍ଠାନର ତାଲିକା

263 **ଶ୍ରୀ ଭବାନୀ ଶଙ୍କର ଭୋଇ (ତଳସରା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ଦିବ୍ୟାଙ୍ଗମାନଙ୍କ ଦକ୍ଷତା ବିକାଶ ପାଇଁ ସରକାରୀ ଓ ବେସରକାରୀଭାବେ ରାଜ୍ୟରେ କେତୋଟି ତାଲିମ ଅନୁଷ୍ଠାନ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରୁଛି, ଜିଲ୍ଲାୱାରୀ ସେଗୁଡିକର ନାମ ଓ ଠିକଣାର ତାଲିକା ଦେବେ କି, ଗଲା 10 ବର୍ଷରେ କେତେଜଣଙ୍କୁ କେଉଁ କେଉଁ trade ରେ ତାଲିମ ଦିଆଯାଇଛି, ଦିବ୍ୟାଙ୍ଗମାନଙ୍କୁ ହଷ୍ଟେଲରେ ରଖି ସରକାରୀ ଅର୍ଥ ଆତ୍ମସାତ୍ କରିବା ପାଇଁ ଜଣେ ଜଣେ ଦିବ୍ୟାଙ୍ଗଙ୍କୁ 5ଟି ଲେଖାଏଁ trade ରେ ତାଲିମ ଦିଆଯାଇଥିବା କଥା ସତ୍ୟ କି, ଯଦି ହଁ ଏଥିପାଇଁ କେଉଁ ଅଧିକାରୀମାନେ ଦାୟୀ ଓ ଏହାକୁ ରୋକିବା ପାଇଁ ସରକାର କଣ ପଦକ୍ଷେପ ନେଇଛନ୍ତି, ତାଲିମପ୍ରାପ୍ତ କେତେଜଣ ଦିବ୍ୟାଙ୍ଗ ଗଲା ପାଞ୍ଚ ବର୍ଷରେ ନିଯୁକ୍ତି ପାଇଛନ୍ତି ତାର ଜିଲ୍ଲାୱାରୀ ତାଲିକା ଦେବେ କି ?

----

## କାର୍ଯ୍ୟାଳୟରେ କ୍ୟାରିୟର ଫ୍ରି ପ୍ରବେଶ ପଥ ନିର୍ମାଣ

264 **ଶ୍ରୀ ଭବାନୀ ଶଙ୍କର ଭୋଇ (ତଳସରା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

କେନ୍ଦ୍ର ସରକାର ଦିବ୍ୟାଙ୍ଗମାନଙ୍କ ପାଇଁ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ ଓ ସର୍ବ ସାଧାରଣ ସ୍ଥାନରେ କ୍ୟାରିୟର ଫ୍ରି ପ୍ରବେଶ ପଥ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ପ୍ରଚୁର ଅର୍ଥ ଦେଉଛନ୍ତି, କିନ୍ତୁ ଏପର୍ଯ୍ୟନ୍ତ ସେକ୍ରେଟାରୀଏଟ୍, ବିଭାଗୀୟ ମୁଖ୍ୟାଳୟ ଓ ଅନ୍ୟାନ୍ୟ ପ୍ରମୁଖ ସରକାରୀ କାର୍ଯ୍ୟାଳୟଗୁଡିକରେ ମଧ୍ୟ ଏଭଳି କ୍ୟାରିଅର ଫ୍ରି ପ୍ରବେଶ ପଥ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସରକାର ଯୋଗାଉନଥିବାର କାରଣ କଣ କେନ୍ଦ୍ର ସରକାର ଏ ବାବଦ କେତେ ଅର୍ଥ ବିଗତ 10 ବର୍ଷରେ ରାଜ୍ୟକୁ ଦେଇଛନ୍ତି ଓ ରାଜ୍ୟ ସରକାର କେଉଁ କେଉଁ କାର୍ଯ୍ୟାଳୟରେ କ୍ୟାରିଅର ଫ୍ରି ପ୍ରବେଶ ପଥ ନିର୍ମାଣ କରିଛନ୍ତି, ତାର ବର୍ଷୱାରୀ ଓ ଜିଲ୍ଲାୱାରୀ ତାଲିକା ଉପସ୍ଥାପନ କରିବେ କି ?

----

## Science Park ପ୍ରତିଷ୍ଠା ପାଇଁ ପଦକ୍ଷେପ

265 **ଶ୍ରୀ ମକରନ୍ଦ ମୁଦୁଲି (ରାୟଗଡା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାୟଗଡାଠାରେ Science Park ପ୍ରତିଷ୍ଠା କରିବା ପାଇଁ ସରକାରଙ୍କର ପ୍ରସ୍ତାବ ଅଛି କି, ଯଦିଅଛି, ତେବେ ଏହା କେବେସୁଦ୍ଧା ଆରମ୍ଭ ହେବ କହିବେ କି ?

----

## ଅନ୍ଧ, ମୂକ, ବଧିର ସ୍କୁଲ ପ୍ରତିଷ୍ଠା

266 **ଶ୍ରୀ ମକରନ୍ଦ ମୁଦୁଲି (ରାୟଗଡା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାୟଗଡା ଜିଲ୍ଲାରୁ କେତେଜଣ ଅନ୍ଧ, ମୂକ ଏବଂ ବଧିର ପିଲା ଭୁବନେଶ୍ୱରସ୍ଥ ଭୀମ ଭୋଇ ଅନ୍ଧ, ମୂକ ଏବଂ ବଧିର ସ୍କୁଲରେ ପଢୁଛନ୍ତି, ସେମାନଙ୍କ ପାଇଁ ସରକାର କଣ କଣ ସୁବିଧା କରିଛନ୍ତି, ରାୟଗଡାଠାରେ ଏକ ଅନ୍ଧ, ମୂକ ଏବଂ ବଧିର ବିଦ୍ୟାଳୟ ଖୋଲିବା ପାଇଁ ସରକାରଙ୍କର ପ୍ରସ୍ତାବ ଅଛି କି ?

----

## ବୟନଶିଳ୍ପ ପ୍ରତିଷ୍ଠା ପାଇଁ ପଦକ୍ଷେପ

267 **ଶ୍ରୀ ମକରନ୍ଦ ମୁଦୁଲି (ରାୟଗଡା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାୟଗଡା ଜିଲ୍ଲା କାଶୀପୁର ବ୍ଲକ ଟିକିରିଠାରେ Handloom ଏବଂ Textiles Industry ପାଇଁ ସରକାର ଶୁଭ ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଉକ୍ତ କାମ ଆରମ୍ଭ ନ ହେବାର କାରଣ କଣ, ଉକ୍ତ କାର୍ଯ୍ୟ କେବେସୁଦ୍ଧା ଆରମ୍ଭ ହେବ ?

----

## ଅଙ୍ଗନୱାଡି କେନ୍ଦ୍ରରେ ପଢୁଥିବା ପିଲାଙ୍କ ବିବରଣୀ

**268 ଶ୍ରୀ ମକରନ୍ଦ ମୁଦୁଲି (ରାୟଗଡା):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାୟଗଡା ଜିଲ୍ଲାରେ ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ କେତେଜଣ ଲେଖାଏଁ ପିଲା ପଢୁଛନ୍ତି ତାର ବ୍ଲକୱାରୀ ତାଲିକା ଦେବା ସହିତ ସେମାନଙ୍କର ପଢିବା ପାଇଁ କଣ କଣ ବ୍ୟବସ୍ଥା କରାଯାଇଛି ଏବଂ ସେମାନଙ୍କର ଖାଇବା ପାଇଁ ସପ୍ତାହରେ କେଉଁ ଦିନ କେଉଁ ଖାଦ୍ୟ ଖାଇବା ପାଇଁ ଦିଆଯାଉଛି ଏହାର ସବିଶେଷ ତଥ୍ୟ ଦେବେ କି ?

----

## Try Cycle ଯୋଗାଣ

**269 ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ KBK+ କନ୍ଧମାଳ, ଗଞ୍ଜାମ, ଗଜପତି 2019 ନଭେମ୍ବର 1 ତାରିଖରୁ ବର୍ତ୍ତମାନସୁଦ୍ଧା କେତେଜଣଙ୍କୁ Loco Motors disability ଗାଡି (Wheel Chair) ଏବଂ try cycle ଯୋଗାଇ ଦିଆଯାଇଛି, ସେହିପରି 2019 ନଭେମ୍ବର ମାସ 1 ତାରିଖରୁ ବର୍ତ୍ତମାନସୁଦ୍ଧା Ear phone କେତେ ଯୋଗାଇ ଦିଆଯାଇଛି, ଜିଲ୍ଲାୱାରୀ ତାଲିକା ଦେବେ କି ଓ ନର୍ଲା ନିର୍ବାଚନ ମଣ୍ଡଳୀର ପଞ୍ଚାୟତୱାରୀ ତାଲିକା ଦେବେ କି, ଉପରୋକ୍ତ ସୁବିଧା ପାଇବା ପାଇଁ ଜିଲ୍ଲା ସ୍ତରରେ ଓ ରାଜ୍ୟ ସ୍ତରରେ pending ଅଛି କି ?

----

## ମଧୁବାବୁ ପେନସନ୍ ପ୍ରଦାନ

**270 ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

(କ) ରାଜ୍ୟରେ 2020-21 ଆର୍ଥିକ ବର୍ଷରେ କେଉଁ କେଉଁ ଜିଲ୍ଲାପାଳମାନେ ମଧୁବାବୁ ପେନସନ୍ ଯୋଗାଇବା ପାଇଁ କେତେ କେତେ target ପାଇଛନ୍ତି, ଜିଲ୍ଲାୱାରୀ ଅଧିକ BPL ପରିବାର ଥିବା ଜିଲ୍ଲାକୁ ଅଧିକ ସଂଖ୍ୟାରେ pension ଯୋଗାଇବେ କି,

(ଖ) ମୃତ୍ୟୁବରଣ କରିଥିବା ପରିବାରର ସ୍ତ୍ରୀ ମୃତ୍ୟୁବରଣ କରିଥିଲେ ପୁରୁଷକୁ ବା ଅନୁରୂପ ବ୍ୟବସ୍ଥା ରହିଛି କି, ନର୍ଲା ନିର୍ବାଚନ ମଣ୍ଡଳୀରେ 2019-20 ଏବଂ ବର୍ତ୍ତମାନ 31.01.2021 ପର୍ଯ୍ୟନ୍ତ କେତେ ହିତାଧିକାରୀଙ୍କ ମୃତ୍ୟୁ ଘଟିଅଛି ସେ କ୍ଷେତ୍ରରେ କି ବ୍ୟବସ୍ଥା ଗ୍ରହଣ କରାଯାଇଛି ଜଣାଇବେ କି ?

----

## ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ପ୍ରସାର ପାଇଁ ସେମିନାର ଆୟୋଜନ

271 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

(କ) ଓଡିଶା ବିଜ୍ଞାନ ଏକାଡେମୀ ଜରିଆରେ KBK + କନ୍ଧମାଳ, ଗଜପତି ଜିଲ୍ଲାରେ କେଉଁ କେଉଁ ସ୍ଥାନରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ପ୍ରସାର ପାଇଁ Seminar କରାଯାଇଅଛି,

(ଖ) ନର୍ଲ୍ଲା ନିର୍ବାଚନ ମଣ୍ଡଳୀରେ ଏଭଳି ସେମିନାର ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କୁ ଦିଆଯିବକି, ଯଦି ହଁ କେବେ ସୁଦ୍ଧା କରିବେ ଯଦି ନା ତାର କାରଣ କଣ ?

----

## C.D.P.O ମାନଙ୍କୁ ନିଜ ବ୍ଲକରେ ନିଯୁକ୍ତି

272 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

(କ) ରାଜ୍ୟରେ କେଉଁ କେଉଁ ବ୍ଲକରେ 5 ବର୍ଷରୁ କେଉଁ CDPO ରହିଛନ୍ତି ତାର ଏକ ତାଲିକା ଦେବେ କି, (ଖ) 5T ନିୟମ ଅନୁଯାୟୀ CDPO ମାନେ ନିଜ ନିଜ Home Block ରେ ରହିପାରିବାର ବ୍ୟବସ୍ଥା ବା ନିୟମ ଅଛି କି ଜଣାଇବେ କି ?

----

## ଭିନ୍ନକ୍ଷମ ପିଲାଙ୍କୁ ନିଯୁକ୍ତି ପ୍ରଦାନ

273 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାଜ୍ୟରେ ଭିନ୍ନକ୍ଷମ ପିଲାଙ୍କପାଇଁ କେତୋଟି ସରକାରୀ ଓ ବେସରକାରୀ ବିଦ୍ୟାଳୟ ଅଛି ଉକ୍ତ ସ୍କୁଲମାନଙ୍କରେ କେତେ ପିଲା ଅଧ୍ୟୟନ କରୁଛନ୍ତି ଓ କେତେ ଶିକ୍ଷକ ଶିକ୍ଷୟତ୍ରୀ ଅଛନ୍ତି କହିବେ କି ବିଗତ 5 ବର୍ଷରେ କେତେ ଜଣ ଭିନ୍ନକ୍ଷମ ପିଲାଙ୍କୁ ସରକାରୀ ଓ ବେସରକାରୀ ସ୍ତରରେ ନିଯୁକ୍ତି ଦିଆଯାଇଛି ?

----

## ଭିନ୍ନକ୍ଷମଙ୍କ ପାଇଁ ନୂତନ ଯୋଜନା

274 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାଜ୍ୟରେ ସମୁଦାୟ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସଂଖ୍ୟା କେତେ ଏମାନେ ସମସ୍ତେ ସରକାରଙ୍କ ପ୍ରଦତ୍ତ ଯୋଜନାରେ ସାମିଲ/ଅନ୍ତର୍ଭୁକ୍ତ ହୋଇଛନ୍ତି କି ନାହିଁ ଏମାନଙ୍କ ପାଇଁ ସରକାରଙ୍କର କିଛି ନୂତନ ଯେଜନା ଅଛି କି ?

----

## ପ୍ରଚଳିତ ଶିକ୍ଷା ପଦ୍ଧତିର ପରିବର୍ତ୍ତନ ପାଇଁ ପଦକ୍ଷେପ

275 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାଜ୍ୟରେ ଅନ୍ଧ, ମୁକ, ବଧିର, ମାନସିକ ଅନଗ୍ରସର ବିଦ୍ୟାର୍ଥୀଙ୍କ ଶିକ୍ଷା ଲାଭର ସୁଯୋଗପାଇଁ ସେମାନଙ୍କୁ ଆଧୁନିକ ଜ୍ଞାନ କୌଶଳ ଯୋଗାଇବାପାଇଁ ପ୍ରଚଳିତ ଶିକ୍ଷା ପଦ୍ଧତିର ପରିବର୍ତ୍ତନ କରିବାପାଇଁ ସରକାର ବିଚାର କରିବେ କି ଚଳିତ Covid-19 ରେ ଏହି ପିଲାମାନଙ୍କୁ କେଉଁ ମାଧ୍ୟମରେ ଶିକ୍ଷା ପ୍ରଦାନ କରିଯାଇଥିଲା ?

----

## ତନ୍ତୁବାୟ ସହଯୋଗ ସମିତିକୁ ସହାୟତା ପ୍ରଦାନ

276 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାଜ୍ୟରେ କେତେ ଗୋଟି ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତି ଅଛି ଓ କେତେ ବୁଣାକାର ସଭ୍ୟ ଭୁକ୍ତ ହୋଇ ବସ୍ତ୍ର ବୟନରେ ନିୟୋଜିତ ଅଛନ୍ତି ବିଗତ ତିନି ବର୍ଷରେ କେତେ ସମିତିକୁ କେତେ ଋଣ ଓ କେତେ ସରକାରୀ ସହାୟତା ଯୋଗାଇ ଦିଆଯାଇଛି ତାର ଏକ ବିବରଣୀ ପ୍ରଦାନ କରିବେ କି ?

----

## ବଲାଙ୍ଗୀର ଠାରେ ପ୍ରସ୍ତାବିତ Science Park ଓ Planetorium ର ଅଗ୍ରଗତି

277 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ମାନ୍ୟବର ମନ୍ତ୍ରୀଙ୍କ ପ୍ରତିଶୃତି ଅନୁଯାୟୀ ବଲାଙ୍ଗିରଠାରେ ପ୍ରସ୍ତାବିତ Science Park ଓ Planetorium ର ଅଗ୍ରଗତି ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନ କରିବେ କି ?

----

## PSU ମାନଙ୍କରେ ପୁଞ୍ଜି ବିନିଯୋଗର ପରିମାଣ

278 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

(କ) ଷୋଡଶ ବିଧାନସଭାର ପଞ୍ଚମ ଅଧିବେସନ ତା.୨୫.11.2020 ର ଅଣତାରକା ପ୍ରଶ୍ନ ସଂଖ୍ୟା 1070 ର ଉତ୍ତର ପରିପ୍ରେକ୍ଷିରେ ରାଜ୍ୟରେ କାର୍ଯ୍ୟକ୍ଷମ ଥିବା ସର୍ବମୋଟ ୩୬ ଗୋଟି PSU ମାନଙ୍କରେ ସରକାର କେତେ ପୁଞ୍ଜି ବିନିଯୋଗ କରିଛନ୍ତି ଓ କେତେ ଲାଭାଂଶ ପାଇଛନ୍ତି ଏବଂ PSU ମାନେ ବିଭିନ୍ନ ଆର୍ଥିକ ସଂସ୍ଥା ମାନଙ୍କରୁ କେତେ ପରିମାଣର ଋଣ ରାଜ୍ୟ ସରକାରଙ୍କ Guarantee ରେ ସଂଗ୍ରହ କରିଛନ୍ତି, ସରକାରୀ ଉଦ୍ୟୋଗ ବିଭାଗ ପାଖରେ ତାର ତଥ୍ୟ ନଥିବା ଏକ ଦୁଃଖଦ ଓ ସମ୍ବେଦନଶୀଳ ବୋଲି ସରକାର ସ୍ୱୀକାର କରିବେ କି, (ଖ) 5T କୁ ଆପଣେଇଥିବା ସରକାରଙ୍କ Technology ସରକାରୀ ଉଦ୍ୟୋଗ ବିଭାଗ କ୍ଷେତ୍ରରେ ବିଫଳ ହୋଇ ନାହିଁ କି ବିନା ତଥ୍ୟରେ ସରକାରୀ ଉଦ୍ୟୋଗ ବିଭାଗ ରାଜ୍ୟର PSU ମାନଙ୍କର Activities କୁ କେମିତି Monitoring କରୁଛନ୍ତି ତାର ଏକ ସମ୍ପୂର୍ଣ୍ଣ ବିବରଣୀ ସହ ପୂର୍ବ ପ୍ରଶ୍ନର ଉତ୍ତର ଗୃହରେ ଉପସ୍ଥାପନ କରିବେ କି ?

----

## ଅଯୋଗ୍ୟ ଘୋଷିତ ହିତାଧିକାରୀଙ୍କୁ Web Portal ରେ ସ୍ଥାନିତ

279 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

(କ) ଷୋଡଶ ବିଧାନସଭାର ପଞ୍ଚମ ଅଧିବେସନ ତା.21.11.2020 ର ଅଣତାରକା ପ୍ରଶ୍ନ ସଂଖ୍ୟା ୨୬ ର ଉତ୍ତର ପରିପ୍ରେକ୍ଷିରେ ଅଯୋଗ୍ୟ ଘୋଷିତ ହେଇଥିବା ହିତାଧିକାରୀଙ୍କ ତଥ୍ୟ ରାଜ୍ୟ Web Portal ରେ ସ୍ଥାନିତ କରାଯିବାର ବ୍ୟବସ୍ଥା କରାଯାଇଛି, କିନ୍ତୁ ଏହା ସର୍ବସାଧାରଣଙ୍କ ଅବଗତି ପାଇଁ ଉଦିଷ୍ଟ ନୁହେଁ, ଯଦି ଓଡିଶା ସରକାରଙ୍କ ବିଧିବ୍ୟବସ୍ଥାରେ ସାମିଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତିକରଣ ଯୋଜନାରେ ଯୋଗ୍ୟ ଓ ଅଯୋଗ୍ୟ ବ୍ୟକ୍ତିର ଯୋଗ୍ୟତା ଓ ଅଯୋଗ୍ୟତାର କାରଣ ଜାଣିବାରେ ଅଧିକାର ଓଡିଶା ଜନସାଧାରଣଙ୍କ ନାହିଁ ତେବେ କେଉଁ ଆଧାରରେ ସ୍ୱଚ୍ଛତାର ଅଭାବକୁ ସରକାର ଅସ୍ୱୀକାର କରୁଛନ୍ତି, (ଖ) ହିତାଧିକାରୀ ଚୟନରେ ସ୍ୱଚ୍ଛତା ରକ୍ଷାପାଇଁ ଯୋଗ୍ୟ ଅଯୋଗ୍ୟର କାରଣ Web Portal ରେ ସ୍ଥାନିତ କରି ଦରଖାସ୍ତ ତାରିଖ ବଦଳରେ ବରିଷ୍ଠ ବୟସ୍କ ନାଗରିକଙ୍କ ବୟସକୁ ଆଧାର କରି ଓ ବିଧବା ଭତ୍ତା ପାଇଁ କନିଷ୍ଠ ବୟସ୍କା ମହିଳାକୁ ଅଗ୍ରାଧିକାର ଭିତ୍ତିରେ Priority List ତିଆରି କରିବା ପାଇଁ ଏହି ପ୍ରଶ୍ନକୁ ପ୍ରସ୍ତାବ ଭାବରେ ଗ୍ରହଣ କରି ସରକାର ପଦକ୍ଷେପ ନେବେ କି ?

----

## ଉତ୍ପାଦିତ ଦ୍ରବ୍ୟର ବଜାର ସୁବିଧା

280 **ଶ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ (ଯଶୀପୁର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ଗତ କରୋନା ମହାମାରୀ ଲକଡାଉନ ଯୋଗୁଁ ବୁଣାକାର, ହସ୍ତଶିଳ୍ପୀ, ଓ ଅନ୍ୟାନ୍ୟ କାରିଗରମାନେ ସେମାନଙ୍କର ରୋଜଗାର ହରାଇଥିବା ଓ ଉତ୍ପାଦିତ ଦ୍ରବ୍ୟର ବିକ୍ରିବଟା ମଧ୍ୟ ବନ୍ଦ ହୋଇଥିବାବେଳେ ବହୁ ଅସୁବିଧାରେ ଚାଲୁଥିବା ସେମାନଙ୍କର ମୌଳିକ ବୃତ୍ତିକୁ ବଞ୍ଚାଇରଖିବା ପାଇଁ ଓ ପୁନର୍ବାର ବୁଣାକାରମାନେ ଅଣ୍ଟା ସଳଖ ଠିଆ ହେବା ପାଇଁ ସରକାର କେତେ କଣ ବ୍ୟବସ୍ଥା କରିଛନ୍ତି କହିବେ କି ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ବଜାର ସୁବିଧା ଯୋଗାଇବା ସହ କଞ୍ଚାମାଲ ସ୍ୱଳ୍ପ ମୂଲ୍ୟରେ ଯୋଗାଇବେ କି ?

----

## Solar Light ବ୍ୟବସ୍ଥା

281 **ଶ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ (ଯଶୀପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ଯଶୀପୁର ନିର୍ବାଚନ ମଣ୍ଡଳୀରେ ବର୍ଜ୍ୟବସ୍ତୁରୁ ସାର, ଅପରିଷ୍କାର ପାଣିରୁ ବିଶୁଦ୍ଧ ପାଣି ବାହାର କରିବା ପାଇଁ ଛୋଟ ଛୋଟ ପ୍ଲାଣ୍ଟ ବସାଇବା ସହ ବିଜୁଳି କାଟ ସମୟରେ ପବନ କଳର ଓ ସୌର ଶକ୍ତିକୁ ଉପଯୋଗ କରି Solar energy ମାଧ୍ୟମରେ light ର ବ୍ୟବସ୍ଥା କରିବା ପାଇଁ ଏବଂ ବିଦ୍ୟୁତ୍ ଅପହଞ୍ଚ ଗ୍ରାମ ମାନଙ୍କରେ Solar Light ବ୍ୟବସ୍ଥା କରିବା ପାଇଁ ବ୍ୟବସ୍ଥା କରିବେ କି ?

----

## ଖାଲି ପଦବୀ ପୂରଣ

282 **ଶ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ (ଯଶୀପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାଜ୍ୟର କେଉଁ କେଉଁ ନିଗମରେ କର୍ମଚାରୀ ମରୁଡି ପଡିଛି ଓ କର୍ମଚାରୀ ଅଭାବରୁ ଲୋକଙ୍କ କାମ ଠିକ୍ ସମୟରେ ହୋଇପାରୁନାହିଁ କହିବା ସହ ଖାଲିଥିବା ପଦବୀ ଗୁଡିକର ପୁରଣ ପାଇଁ ପଦକ୍ଷେପ ନେବେ କି, ଅଧୁନା କେଉଁ କେଉଁ ନିଗମରେ sanction post କେତେ ଓ କର୍ମଚାରୀ ଅଛନ୍ତି କେତେ ଓ ଖାଲିଥିବା ପଦବୀ କେତେ ଜଣାଇବେ କି ?

----

## SSG ଙ୍କୁ ତାଲିମ ପ୍ରଦାନ

283 **ଶ୍ରୀ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର (ବ୍ରହ୍ମଗିରି):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାଜ୍ୟରେ ଅଦ୍ୟାବଧି କେତୋଟି SSG ପଞ୍ଜିକୃତ ହୋଇଛନ୍ତି ଓ ଜିଲ୍ଲାୱାରୀ ସେଗୁଡିକର ସଂଖ୍ୟା ଏବଂ ପଞ୍ଜିକୃତ ସଦସ୍ୟଙ୍କ ମୋଟ ସଂଖ୍ୟା କେତେ, ଜିଲ୍ଲାୱାରୀ ତାଲିକା ଦେବେ କି, ଏମାନଙ୍କୁ କେଉଁ କେଉଁ trade ରେ ସରକାର ତାଲିମ ଦେଉଛନ୍ତି, ତାଲିମ ଦେଉଥିବା ସଂସ୍ଥା ଗୁଡିକର ନାମ, ଠିକଣା, ଫୋନ ନଂ ଏବଂ ବର୍ଷକୁ କେଉଁ କେଉଁ trade ରେ କେତେ ସଂଖ୍ୟାରେ ମହିଳାଙ୍କୁ ସରକାର ତାଲିମ ଦେଉଛନ୍ତି ତାର ଜିଲ୍ଲାୱାରୀ ତାଲିକା ଦେବା ସହ ଏହି ତାଲିମ ପାଇଁ କେନ୍ଦ୍ର ସରକାର ସହାୟତା ପରିମାଣ କେତେ, ଏ ବାବଦ ରାଜ୍ୟ ସରକାର କେନ୍ଦ୍ରରୁ କେତେ ଅର୍ଥ ପାଇଛନ୍ତି, ସେସବୁ ଅର୍ଥ ଖର୍ଚ୍ଚ ହୋଇଛି କି ନାହିଁ ?

----

## ପ୍ରତି ବ୍ଲକରେ ମହିଳା ଶିଶୁ ଶାଖା ଖୋଲିବାକୁ ପ୍ରସ୍ତାବ

284 **ଶ୍ରୀ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର (ବ୍ରହ୍ମଗିରି):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ବିଗତ ଦଶ ବର୍ଷରେ ହଜାର ହଜାର ସଂଖ୍ୟାରେ ଶିଶୁ ରାଜ୍ୟରେ ନିଖୋଜ ଥିବା କଥା ବିଭାଗର ଦୃଷ୍ଟିକୁ ଆସିଛି କି, ଯଦି 'ହଁ' ଜିଲ୍ଲାୱାରୀ ନିଖୋଜ ଶିଶୁମାନଙ୍କ ସଂଖ୍ୟା କେତେ, ରାଜ୍ୟ ସରକାର ଗତ 10 ବର୍ଷରେ କେତେଜଣ ନିଖୋଜ ଶିଶୁଙ୍କୁ ଉଦ୍ଧାର କରିଛନ୍ତି ଗତ ବର୍ଷ ଓ ଜିଲ୍ଲାୱାରୀ ତାଲିକା ଦେବେ କି ; ସରକାର ପ୍ରତି ଥାନାରେ ମହିଳା ଶିଶୁ ଶାଖା ଖୋଲିବେ ବୋଲି ଘୋଷଣା କରିଥିଲେ, ଏଯାବତ୍ କେତୋଟି ଥାନାରେ ଏଭଳି ଶାଖା ଖୋଲାଯାଇଛି, ଯଦି ସବୁ ଥାନାରେ ଏଭଳି ଶାଖା ଖୋଲିନାହିଁ, ତା'ର କାରଣ କ'ଣ ?

----

## ଅଙ୍ଗନୱାଡି ମହିଳା କର୍ମୀଙ୍କ ଦରମା ସମ୍ପର୍କରେ

285 **ଶ୍ରୀ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର (ବ୍ରହ୍ମଗିରି):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାଜ୍ୟରେ ଅଙ୍ଗନବାଡି ସଂଖ୍ୟା କେତେ ଓ କେତେ ମହିଳା ଏଥିରେ କାର୍ଯ୍ୟରତ ଅଛନ୍ତି, ଜିଲ୍ଲାୱାରୀ ସେମାନଙ୍କ ନାମ ଓ ପଦବୀର ତାଲିକା, 2020 ଡିସେମ୍ବର ସୁଦ୍ଧା ସେମାନେ ମାସିକ କେତେ ଲେଖାଏଁ ପାରିଶ୍ରମିକ ପାଉଛନ୍ତି, ରାଜ୍ୟ ସରକାର ବିଗତ 10 ବର୍ଷ ମଧ୍ୟରେ କେତେଥର ସେମାନଙ୍କ ପାରିଶ୍ରମିକ ବୃଦ୍ଧି କରିଛନ୍ତି ତାର ପରିମାଣ କେତେ, ଏହି ବର୍ଦ୍ଧିତ ପାରିଶ୍ରମିକ କେନ୍ଦ୍ର ନା ରାଜ୍ୟ କିଏ ବହନ କରୁଛନ୍ତି, ଯଦି ଉଭୟ ବହନ କରୁଛନ୍ତି ତେବେ ସେମାନଙ୍କ funding pattern କଣ ଓ କେଉଁ ସରକାର କେତେ ଅର୍ଥ ବିଗତ 10 ବର୍ଷରେ ପାରିଶ୍ରମିକ ବାବଦକୁ ଦେଇଛନ୍ତି ତାର ବିସ୍ତୃତ ତାଲିକା ଦେବେ କି ?

----

## କେନ୍ଦ୍ର ଓ ରାଜ୍ୟର ଯୋଜନା ସମ୍ପର୍କରେ

286 **ଶ୍ରୀ ଜୟନ୍ତ କୁମାର ସରଙ୍ଗୀ (ପୁରୀ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

କେନ୍ଦ୍ର ସରକାରଙ୍କ ଆର୍ଥିକ ସହାୟତା/ ଅନୁଦାନରେ ଓଡିଶାରେ କେଉଁ କେଉଁ ଯୋଜନା କାର୍ଯ୍ୟକାରୀ ହେଉଛି, ସେସବୁ ଯୋଜନାରେ କେନ୍ଦ୍ର ଓ ରାଜ୍ୟର କେତେ ପ୍ରତିଶତ ଫଣ୍ଡିଙ୍ଗ ରହୁଛି ତାହା ସୂଚିତ କରିବା ସହିତ ସେଥିରେ ଉପକୃତ ହେଉଥିବା ହିତାଧିକାରୀଙ୍କ ନାମ ଓ ଠିକଣା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସମ୍ପୃକ୍ତ ବିଭାଗର ୱେବସାଇଟ୍ ରେ ଛଡାଯାଉନାହିଁ ତା'ର କାରଣ କ'ଣ, ସରକାର ଏ ଦିଗରେ 5T ବିଭାଗର ଭୂମିକା ସ୍ପଷ୍ଟ କରିବା ସହିତ ଏଭଳି ସୂଚନାକୁ ଜନସାଧାରଣଙ୍କ ଦୃଷ୍ଟିକୁ ଆଣୁନଥିବା ସରକାରୀ କର୍ମଚାରୀମାନଙ୍କ ବିରୁଦ୍ଧରେ ସରକାର କଣ ପଦକ୍ଷେପ ନେଇଛନ୍ତି, ଯଦି କିଛି ପଦକ୍ଷେପ ନେଇନାହାନ୍ତି ଏବେ ସରକାର ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି ?

----

## ୱେବସାଇଟ୍ ଅପଡେଟ୍ କରିବାକୁ ପଦକ୍ଷେପ

287 **ଶ୍ରୀ ଜୟନ୍ତ କୁମାର ସରଙ୍ଗୀ (ପୁରୀ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାଜ୍ୟସରକାରଙ୍କର ଏବେ କେତୋଟି ବିଭାଗ କାର୍ଯ୍ୟ କରୁଛି ଏବଂ ପ୍ରତ୍ୟେକ ବିଭାଗର ନିଜସ୍ୱ ୱେବସାଇଟ୍ ଅଛି କି, ଏହି ୱେବସାଇଟ୍ ଗୁଡିକୁ ଅପଡେଟ୍ କରାଯାଉନାହିଁ ତା'ର କାରଣ କ'ଣ, ଯେଉଁମାନେ ଏହି ୱେବସାଇଟ୍ ଦାୟୀତ୍ୱରେ ଅଛନ୍ତି ସେମାନେ ତାଙ୍କ ଦାୟୀତ୍ୱ ଖିଲାପ କରୁଥିବାରୁ ସରକାର ସେମାନଙ୍କ ବିରୁଦ୍ଧରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି, 5T ରେ technology ଏକ ପ୍ରମୁଖ ଅଙ୍ଗ ହୋଇଥିବାରୁ 5T ବିଭାଗ ଏ ଦିଗରେ ଏପର୍ଯ୍ୟନ୍ତ କଣ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ଜଣାଇବେ କି ?

----

## ପାଟ ଶାଢୀର ବିକାଶ

288 **ଶ୍ରୀ ଜୟନ୍ତ କୁମାର ସରଙ୍ଗୀ (ପୁରୀ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ଅତୀତରେ ଆଠଗଡ ନୂଆପାଟଣା ବୟନଶିଳ୍ପ ପାଇଁ ଓଡିଶା ଓ ଓଡିଶା ବାହାରେ ପ୍ରସିଦ୍ଧି ଲାଭ କରିଥିବା ବେଳେ ଏବେ ଏଠାରେ କୋରିଆରୁ ଆମଦାନୀ କରାଯାଉଥିବା ସୂତା ଓ ଚୀନ ରୁ ଆମଦାନୀ କରାଯାଉଥିବା ରଙ୍ଗ ବ୍ୟବହାର କରି ଅତି ନିମ୍ନମାନର ପାଟ ଶାଢୀ ପ୍ରସ୍ତୁତ କରାଯାଉଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଯଦି ହଁ ତେବେ ଓଡିଶା ଐତିହ ଓ ପରମ୍ପରାଗତ ପ୍ରସିଦ୍ଧି ଲାଭ କରିଥିବା ପାଟଶାଢୀର ଖ୍ୟାତି ଓ ଗୁଣବତ୍ତାର ସୁରକ୍ଷା ପାଇଁ ସରକାର କଣ ପଦକ୍ଷେପ ନେଇଛନ୍ତି, ଯଦି କିଛି କରିନାହାନ୍ତି ଏବେ ଏଦିଗରେ ବିହିତ ପଦକ୍ଷେପ ନେବେ କି ?

----

## T.F.R ପାଇଁ SHG ନିଯୁକ୍ତି

289 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାଜ୍ୟରେ ଅଙ୍ଗନୱାଡି କେନ୍ଦ୍ରରେ ପିଲାମାନଙ୍କୁ ଯେଉଁ ପୃଷ୍ଟିସାର ଯୁକ୍ତ ଛତୁଆ ଯୋଗାଇ ଦିଆଯାଉଛି ତାର ମାନ ପରୀକ୍ଷା କରିବା ପାଇଁ ସରକାରଙ୍କ ନିକଟରେ କଣ ବ୍ୟବସ୍ଥା ରହିଛି ଏବଂ କେଉଁ ନୀତି, ନିୟମ ଓ ଆଧାରରେ ଅଙ୍ଗନୱାଡି କେନ୍ଦ୍ର ଗୁଡିକୁ ଛତୁଆ (TFR) ଯୋଗାଇବା ପାଇଁ ସରକାର SHG ନିଯୁକ୍ତି କରୁଛନ୍ତି ?

----

## Mega Textile Park ପ୍ରତିଷ୍ଠା ପାଇଁ ଯୋଜନା

290 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-
ରାଜ୍ୟରେ Mega Textile Park ପ୍ରତିଷ୍ଠା ପାଇଁ ସରକାରଙ୍କର କଣ ଯୋଜନା ରହିଛି, କେନ୍ଦ୍ରାପଡା ଜିଲ୍ଲାରେ ଏକ Textile Park ନିର୍ମାଣ କରିବା ପାଇଁ ଦାବୀ ହେଉଥିବାରୁ ଏଥିପ୍ରତି ଦୃଷ୍ଟି ଦେଇ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ କି ?

----

## ବୟନିକା ଶାଖାର ସ୍ଥିତି

291 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-
ରାଜ୍ୟରେ କେତୋଟି ସ୍ଥାନରେ ଓ କେଉଁ କେଉଁ ଜାଗାରେ ବୟନିକାର ଶାଖା ଖୋଲାଯାଇଛି, କେନ୍ଦ୍ରାପଡା ଜିଲ୍ଲା ପଟାମୁଣ୍ଡାଇ ଠାରେ ଖୋଲାଯାଇଥିବା ବୟନିକା ଶାଖାର ସ୍ଥିତି କ'ଣ ?

----

## କାରଖାନା, ଜାଗାବାଡିର ସ୍ଥିତି

292 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-
ରାଜ୍ୟରେ କେଉଁ ସାଧାରଣ ଉଦ୍ୟୋଗ ବନ୍ଦ ହୋଇଥିବାବେଳେ ତାହାର କେଉଁ ସ୍ଥାନରେ ଥିବା କାରଖାନା, ଜାଗାବାଡିର ବର୍ତ୍ତମାନ ସ୍ଥିତି କ'ଣ, ଏହି ସାଧାରଣ ସମ୍ପତିରୁ କେତେ ଜବରଦଖଲ ହୋଇଛି, ଏହାକୁ ଜବରଦଖଲରୁ ମୁକ୍ତ କରି ପୁନଃ କାର୍ଯ୍ୟକ୍ଷମ କରିବା ନତୁବା ଏହାକୁ ଅନ୍ୟ ସାଧାରଣ ସରକାରୀ କାର୍ଯ୍ୟରେ ବିନିଯୋଗ ପାଇଁ ବ୍ୟବସ୍ଥା କରିବେ କି ?

----

## ଜିଲ୍ଲାରେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା

293 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ତାହାର କାର୍ଯ୍ୟ କାରିତା ନିମନ୍ତେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ବନ୍ଦ ହୋଇଥିବା ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତିର ସଂଖ୍ୟା

**294 ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାଜ୍ୟର କେଉଁ ଜିଲ୍ଲାର କେତେଗୋଟି ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତି ବନ୍ଦ ହୋଇଥିବାବେଳେ ସେହି ସମିତିମାନଙ୍କ ଗୃହ ମଧ୍ୟରୁ କେତେଟି ଗୃହ ଜାଗାବାଡି ଜବରଦଖଲ ହୋଇଛି, ସେହି ଜାଗାଗୁଡିକ ଜବରଦଖଲ ମୁକ୍ତ କରି ତାହାକୁ ବିନିଯୋଗ କରିବାକୁ ସରକାର ବ୍ୟବସ୍ଥା କରିବେ କି ?

----

## ବିଜ୍ଞାନ ଶିକ୍ଷାର ପ୍ରସାର ପାଇଁ ପଦକ୍ଷେପ

**295 ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ (ଚିଲିକା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାଜ୍ୟରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବିଜ୍ଞାନ ଶିକ୍ଷାର ପ୍ରସାର ପାଇଁ କି ପଦକ୍ଷେପ ନିଆଯାଉଛି, ମହାକାଶ ଗବେଷଣାରେ ଉଚ୍ଚତର ଗବେଷଣା, ପରିବେଶର ପ୍ରଦୂଷଣ ରୋକିବା, ଭୂତାଣୁ ସଂକ୍ରମଣକୁ ଦୂର କରିବା ସମ୍ପର୍କରେ କି ପ୍ରକାର ସଚେତନତା ସୃଷ୍ଟି କରାଯାଉଛି ?

----

## ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସ୍ୱାବଲମ୍ବନଶୀଳ କରିବା ପାଇଁ ପ୍ରୋତ୍ସାହନ

**296 ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ (ଚିଲିକା):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାଜ୍ୟରେ ବର୍ତ୍ତମାନ କେତୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ରହିଛି, ସେମାନଙ୍କୁ ସ୍ୱାବଲମ୍ବନଶୀଳ କରାଯିବା ପାଇଁ ସରକାର କି ପ୍ରକାର ପ୍ରୋତ୍ସାହନ ଦେଉଛନ୍ତି ?

----

## ଅଧ୍ୟାପକମାନଙ୍କୁ ଅଧିକ ଦରମା ପ୍ରଦାନ

**297 ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ଇଞ୍ଜିନିୟରିଂ ସ୍କୁଲ୍ ବା ପଲିଟେକନିକ ଶିକ୍ଷାନୁଷ୍ଠାନ କ୍ଷେତ୍ରରେ ଭାରତ ବର୍ଷର ସମସ୍ତ ରାଜ୍ୟରେ AICTEର ଦରମା ବ୍ୟବସ୍ଥା ଲାଗୁ ହୋଇସାରିଥିବା ବେଳେ କେବଳ ଓଡିଶା ରାଜ୍ୟରେ ଲାଗୁ କରାଯାଇନଥିବା କାରଣ କ'ଣ, ରାଜ୍ୟରେ ଇଞ୍ଜିନିୟରିଂ ଡିଗ୍ରୀ ପ୍ରାପ୍ତ କରି ଲୋକ ସେବା ଆୟୋଗ ଦ୍ୱାରା ଚୟନ ପ୍ରକ୍ରିୟାରେ କୃତକାର୍ଯ୍ୟ ହୋଇ ଇଞ୍ଜିନିୟରିଂ ବିଭାଗରେ ଜୁନିୟର ପଦବୀ କ୍ଲାସ୍ ୧ରେ ଜଏନ୍ କରୁଥିବା ବେଳେ ଏହି ଅଧ୍ୟାପକମାନେ ମଧ୍ୟ ସମାନ ଯୋଗ୍ୟତା ଓ ଚୟନ ପ୍ରକ୍ରିୟାରେ ମନୋନୀତ ହେଲେ ମଧ୍ୟ କ୍ଲାସ୍ ୨ ପଦବୀରେ ନିଯୁକ୍ତି ଦେବା ସହ କମ୍ ଦରମା ଦେବା ଅନ୍ୟାୟ ତଥା ଅଯୌକ୍ତିକ ନୁହେଁ କି; ଉଚ୍ଚଶିକ୍ଷା କ୍ଷେତ୍ରରେ ଅଧ୍ୟାପକମାନଙ୍କୁ ଅଧିକ ଦରମା ଦେବା ଏକ ପ୍ରଚଳିତ ନୀତି ହୋଇଥିବା ସ୍ଥଳେ ଏହି ଅଧ୍ୟାପକଙ୍କ କ୍ଷେତ୍ରରେ ଏହାର ବିପରୀତ ନୀତି ଥିବାରୁ ସେମାନଙ୍କ ସର୍ବନିମ୍ନ ପଦବୀ ଜୁନିଅର୍ କ୍ଲାସ୍ ୧ ଘୋଷଣା କରିବା ସହ ସମସ୍ତ ଆନୁଷଙ୍ଗିକ ସୁବିଧା ଓ ଦରମା ଦେବାକୁ ଯଥାର୍ଥ ପଦକ୍ଷେପ ନେଇ ନ୍ୟାୟ ପ୍ରଦାନ କରିବେ କି ?

----

## ଆବର୍ଜନାରୁ ଖତ ଓ ଶକ୍ତି ସଂଗ୍ରହ

298 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାଜ୍ୟରେ ବିଭିନ୍ନ ଆବର୍ଜନାରୁ ଖତ ପ୍ରସ୍ତୁତି ସହ ଶକ୍ତି ସଂଗ୍ରହ ନିମନ୍ତେ ଓଡିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ତରଫରୁ କି ଯୋଜନା କରାଯାଇଛି; ଏହା କାର୍ଯ୍ୟକାରୀ କରିବା ପାଇଁ କି କି ପଦକ୍ଷେପ ଗ୍ରହଣ କରାଯାଇଛି ତା'ର ରୂପରେଖ, ଅର୍ଥ ବ୍ୟୟ ସଂପର୍କୀୟ ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ଅଣପାରମ୍ପରିକ ଉତ୍ସ ମାଧ୍ୟମରେ ବିଦ୍ୟୁତ୍ କରଣ

299 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଗ୍ରାମ ଗୁଡିକୁ ଓରେଡା ଦ୍ୱାରା ଅଣପାରମ୍ପରିକ ଶକ୍ତି ମାଧ୍ୟମରେ କେଉଁ କେଉଁ ଗ୍ରାମ ଗୁଡିକୁ ବିଦ୍ୟୁତ୍ କରଣ କରାଯାଇଛି; ତାହାର ଏକ ସବିଶେଷ ତଥ୍ୟ ବ୍ଲକୱାରୀ ପ୍ରଦାନ କରିବେ କି ?

----

## ମହିଳାଙ୍କ ଆତ୍ମନିଯୁକ୍ତି

300 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାଜ୍ୟରେ ମହିଳାଙ୍କ ନିଯୁକ୍ତି ଓ ଆତ୍ମନିଯୁକ୍ତି ହାର କେତେ; ଏହି କ୍ଷେତ୍ରରେ ରାଜ୍ୟ କେଉଁ ସ୍ଥାନରେ ଅଛି; ଏହି ହାର ବୃଦ୍ଧି କରିବା ନିମନ୍ତେ ସରକାର କ'ଣ ସବୁ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି ତା'ର ଏକ ତଥ୍ୟ ପ୍ରଦାନ କରିବେ କି ?

----

## କପା ଚାଷ

301 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାଜ୍ୟରେ କେଉଁ କେଉଁ ଜିଲ୍ଲାରେ କେତେ ଜମିରେ କପା ଚାଷ କରାଯାଉଛି ଓ ବର୍ଷକୁ ଓଡିଶାରେ କେତେ କପା ଉତ୍ପାଦନ କରାଯାଉଛି ତା'ର ଜିଲ୍ଲାୱାରୀ ତାଲିକା ଦେବେ କି ; କେନ୍ଦ୍ରସରକାର କପାର ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରିଥିବା ବେଳେ ଏହି କପା ଚାଷୀମାନେ ସେହି ମୂଲ୍ୟରେ କପା ବିକ୍ରି କରୁଛନ୍ତି କି; ଯଦି ହଁ ତେବେ ଏ ବାବଦ ସେମାନଙ୍କୁ କେତେ ଟଙ୍କା ମିଳୁଛି; ଯଦି ନାଁ ତା'ର କାରଣ କ'ଣ ସେମାନେ କପାର MSPରୁ ବଞ୍ଚିତ ହେଉଛନ୍ତି; ଆମ ରାଜ୍ୟର କପାକୁ ନେଇ ଅଚଳ ହୋଇପଡିଥିବା ସଂଖ୍ୟାଧିକ ସ୍ପିନିଂମିଲ୍ କୁ କାର୍ଯ୍ୟକ୍ଷମ କରିବା ପାଇଁ ସରକାରଙ୍କର କିଛି ଯୋଜନା ଅଛି କି; ବନ୍ଦହୋଇ ପଡିଥିବା ସ୍ପିନିଂମିଲର ତାଲିକା ଓ ସମ୍ପତ୍ତିର ବିବରଣୀ ପ୍ରଦାନ କରିବେ କି ?

----

## ବାରିପଦା ଉପଖଣ୍ଡ ଠାରେ Science Park ପ୍ରତିଷ୍ଠା

302 **ଶ୍ରୀ ପ୍ରକାଶ ସୋରେନ୍ (ବାରିପଦା ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ମୟୂରଭଞ୍ଜ ଜିଲ୍ଲା ବାରିପଦା ଉପଖଣ୍ଡ ଠାରେ ଏକ Science Park ନୂତନ ଭାବରେ ପ୍ରତିଷ୍ଠା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରିଛନ୍ତି କି; କେତେ ଅର୍ଥ ମଞ୍ଜୁର କରିବେ ତଥ୍ୟ ପ୍ରଦାନ କରିବେ କି ?

----

**ଭୁବନେଶ୍ୱର.** | **ଦାଶରଥୀ ଶତପଥୀ,**
**ଶନିବାର, ୨୦ ଫେବୃଆରୀ, ୨୦୨୧ .** | **ସଚିବ**